ମନ୍ଦିର ପ୍ରବେଶ

ଶ୍ରୀମତୀ ସୀତାଦେବୀ ଖାଡ଼ଙ୍ଗା

Digitized by srujan ka@gmail.com

ମନ୍ଦିର ପ୍ରବେଶ

ଶ୍ରୀମତୀ ସୀତାଦେବୀ ଖାଡ଼ଙ୍ଗା

Digitized by srujanika@gmail.com

ଷ୍ଟୁଡେଣ୍ଟସ ଷ୍ଟୋର

ବ୍ରହ୍ମପୁର : କଟକ

ପ୍ରଥମ ପ୍ରକାଶ ୧୦୦୦

୧୯୮୭

ମୂଲ୍ୟ - ଦୁଇଟଙ୍କା ମାତ୍ର

Digitized by srujan ka@gmail.com

ପୁରୁଷ

ଇନ୍ଦ୍ରନାଥ	କଂଗ୍ରେସ ନେତା
ଅପୂର୍ଣ୍ଣ	ସ୍ୱାଧୀନ ଦଳର ନେତା
ନୀରକିଶୋର ବାବୁ	ମିଲ୍ ମାଲିକ
ଚନ୍ଦ୍ରନାଥ	ସନାତନୀ ପଣ୍ଡିତ
ବ୍ରହ୍ମଚରଣ	ଦେବାଳୟ ପୂଜାରୀ
କଲ୍ୟାଣ	ହରିଜନ
ଅର୍ଜୁନ, ଚରଣ, ଶିରୀଷ	କଂଗ୍ରେସ କର୍ମୀଗଣ
ବିଦ୍ୟାଧର	ହରିଜନ
ଭରତ, ଶଙ୍କର	ସୁବିଧାବାଦୀ ଦଳର କର୍ମୀ
ପରାଶର	ହରିଜନ

ସଭ୍ୟଗଣ, ହରିଜନଗଣ, ଶୋଭାଯାତ୍ରାକାରୀଗଣ,

ସ୍ତ୍ରୀ

ଅମିତା	ଅପୂର୍ଣ୍ଣଙ୍କ ଭଉଣୀ
ଶାରଦା	ପୂଜାରୀଙ୍କ ସ୍ତ୍ରୀ
ଅପୂର୍ଣ୍ଣଙ୍କ ମାଆ	ବୃଦ୍ଧା

Digitized by srujan ka@gmail.com

ମନ୍ଦିର ପ୍ରବେଶ

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

ପରଦା **ଅଗ୍ରେ** ଅଗ୍ରେ ଉଠିବା; ରକ୍ତାକ୍ତ ଦେହା ରକ୍ତାକ୍ତ ବସନା ଭାରତ ମାତାର ବ୍ୟାକୁଳ ବିଳାପ ।

ଶୁଖାଇ ସଜଳ ଆଖିରେ,
ରହିଥିଲି ଗୃହେଁ ମୁକୁଳିତ ଆଶେ
ଯୁଗ ଯୁଗ ଧରି ଖୋଜୁଥିଲି ଯୋଗ
କରିବାକୁ ମୁକ୍ତ ଆପଣା ଦେଶେ ।
ଫିଟାଇ ଫିଟାଇ ମୋ ହାତୁ ବନ୍ଧନ
କାହିଁକି ଜାଳିଲ ମୋ ହୃଦୟ ବନ
ଧର୍ମାନ୍ଧ ରକ୍ତିତ ବସନ ଅଞ୍ଚଳ ମୋର
ଠେଲିଲରେ ପଣ୍ଡା ଯେତେ
ଧୂ ଧୂ ହୋଇ ହିଂସାର ଅନଳ
ଜଳିଲା ଦେଶରେ ହୋଇଣ ପ୍ରବଳ

Digitized by srujan ka@gmail.com

ସହସ୍ର ସହସ୍ର ସୁତ ସୁତା ମୋର
　　ମଲେ ସେ ହିଂସାର ଭୀଷଣ ବଶେ
ଧରମ ନାମରେ ଅଧରମ କରି
　　ଭାଇ ଗଳା ଭାଇ କାଟେ ଦେଇ ଫାଶି
କଳଙ୍କ କାଳିମା ବୋଳିଲ ମୁଖରେ
　　ହେୟ ହେବାକୁ ସମଗ୍ର ବିଶ୍ୱ ।
ମରଣରୁ ବଳି ପଡ଼ିଲା ଏ ଦୁଃଖ
　　କାହା ଆଗେ ଯାଇ ଦେଖାଇବି ମୁଖ
ଦୁର୍ବଳ ସୁତର ଦୁଃଖ ଦେଖି ମୋର
　　ଫାଟିଯାଏ ଛାତି ଦାରୁଣ ତ୍ରାସେ ।

ଭାରତ ମାତା—କଣ କରିବି, କାହିଁ ଯିବି, କାହାକୁ କହିବି, ଯହିଁ ଚାହିଁଲେ ସେଠି ସେଠିରେ ବିବାଦ ! ସ୍ୱରାଜ୍ୟ ପାଇବା ଆଗରୁ ସମସ୍ତେ କହୁଛନ୍ତି ମୁଁ ରାଜା ହେବି । ହାୟ ! କେଡ଼େ ହତଭାଗିନୀ ମୁଁ । ମୋର ଶିକ୍ଷା, ମୋର ଦୀକ୍ଷା, ମୋର ଅଭିଳାଷ, ମୋର ସନ୍ତାନଗଣ ଗ୍ରହଣ କରି ପାରୁ ନାହାନ୍ତି । ମୋର ଅଭିଳାଷ ପୂରଣ କରିବାକୁ ଉଦ୍‌ଯୋଗୀ ହେଉ ନାହାନ୍ତି । କିଏ କେଉଁଠାରେ ରହିଅଛ ବନ୍ଧୁ ! ଆସ ତ୍ୱରା, ଉଚ୍ଛନ୍ନ ଦଶାରେ ପଡ଼ି ଯାଉଅଛି ଦେଶ ତବ ରସାତଳେ ଧୀରେ । ଶୁଭୁନାହିଁ ଆର୍ତ୍ତ ଧ୍ୱନି ଦେଇ ଅଛ କର୍ଣ୍ଣେ ଉନ୍ତ୍ର ମୁଦ ?

ହୁସେନ ଖାଁ—(ବିହ୍ୱଳ ଭାବରେ) ମା ମା ନଥିଲା ଚେତନା, ବହୁକାଳୁ ପରର ପ୍ରବଞ୍ଚନା ବଳେ ହୋଇଣି ପାଗଳ, ନାଇଥିଲି ଭୁଲି ନିଜ ଜନନୀକୁ । କହୁଅଛି ଆଜି କରି ମୁଁ ପ୍ରତିଜ୍ଞା, ଯାହା ତୁ ଆଦେଶ ଦେବୁ କରିବି ମୁଁ ତାହା ।

Digitized by srujan ka@gmail.com

ବାତୁଳ—ଆପଣଙ୍କ ଲାଗି ସନ୍ତାନ ତୋହର ଅଟେ ଆଜ୍ଞାଧୀନ। କର ମା ଆଦେଶ କରିବ କି କାର୍ଯ୍ୟ ?

ନିରଞ୍ଜନ—ଯେତେ ଏବେ ହୋଇଛୁ ପାଷାଣ, ତଥାପି ମୁଁ ଭୁଲିନାହିଁ ଜନନୀକୁ ମୋର। ଦିଅ ମା ଆଦେଶ କରିବି କି କାର୍ଯ୍ୟ ?

ଅର୍ଜୁନ—ଦିଅ ମା ଆଦେଶ। ଥିବାଯାଏ ଏ ଦେହରେ ଏକମାତ୍ର ରକ୍ତବିନ୍ଦୁ, ପାଳିବି ମୁଁ ଆଦେଶ ତୋହର।

ଭାରତମାତା—ଆଦେଶ ଶୁଣିବ ରେ ବୀରଗଣ ମୋର। କହୁଅଛି ଆଜି ବନ୍ଧୁଭାବେ, ବାଲ୍ୟାବସ୍ଥା ଗଲାଣି ତୁମର। ମୂର୍ଖ ନିଜବଳେ ହୋଇ ଅନ୍ଧ; ପରସ୍ପରେ କରନାହିଁ କଳି। ଏକତା ପାଶରେ ସର୍ବେ ହୋଇଣ ଅବଦ୍ଧ, ଏକମାତ୍ର ଈଶ୍ୱରଙ୍କୁ କର ସର୍ବେ ପୂଜା। ହରିଜନ ନାମ ଦେଇ ଅସ୍ପୃଶ୍ୟ ସୁତଙ୍କୁ, ରଖିଅଛ ଅଛୁଆଁ କରିଣ। ଆଜିଠାରୁ ସର୍ବେ ଏକମନେ ଅସ୍ପୃଶ୍ୟତା କର ନିବାରଣ।

ସମସ୍ତେ—ଆଜିଠାରୁ ଦେଶବାସୀ ହୋଇ ଏକ ମନ; ଅସ୍ପୃଶ୍ୟତା କଳଙ୍କମୋଚନ କରିବା ନିମନ୍ତେ ହୋଇବୁ ସାବଧାନ।

[ପରଦା]

ଦ୍ୱିତୀୟ ଦୃଶ୍ୟ

ସ୍ଥାନ—କୌଣସି ଏକ ପାନ୍ଥଶାଳା, ଶାମ୍ଭୁ ଓ ଇନ୍ଦ୍ରନାଥ

ଇନ୍ଦ୍ର—(ଚମକିଉଠି) ବାଣୀ ଭାରତ ଜନନୀ ଚିରକାଳ ଚେଷ୍ଟା କରିଛନ୍ତି [illegible]। ଆଜି ଚତୁର୍ଦ୍ଦିଗରୁ ଶଙ୍ଖଧ୍ୱନି [illegible] କରୁଣ [illegible] ଧ୍ୱନି। ଆଜି [illegible] [illegible] ଉନ୍ନତି ହୋଇ [illegible]। [illegible] [illegible]

ଦେଇଛନ୍ତି ରକ୍ତାକ୍ତ । (ପଦଚାରଣ କରି) କଣ କରିବି ମୁଁ ! ଦ୍ୱିଧାରେ ପଡ଼ି ମୁଁ ଯେ ଦାରୁଣ ଦୁଃଖ ଭୋଗ କରୁଛି ।

ଅର୍ଜ୍ଜୁନ—(ପ୍ରବେଶ) ନମସ୍କାର ଆଜ୍ଞା !

ଇନ୍ଦ୍ର—ଆସ ଅର୍ଜୁନ ଆସ, ଖବର କଣ କହ ।

ଅର୍ଜ୍ଜୁନ—ଖବର ଆଉ କଣ କହିବି । ଲୋକେ କହୁଛନ୍ତି ଲୋକ-ପ୍ରିୟ ସରକାର ସିନା ହେଲେ, ଆମର କଣ ହେଲା । ଜମିଦାରୀ ପ୍ରଥା ତ ଉଠିଲା ନାହିଁ । ହରିଜନ ତ ଅଛୁଆଁ ହୋଇ ରହିଲେ । ଦେଶର କଳକାରଖାନା ତ ଜାତୀୟ ସମ୍ପଦ ନ ହୋଇ ସେଇ ଧନୀମାନଙ୍କର ମୁଠା ଭିତରେ ରହିଛି । ଅଶାନ୍ତି ଛଡ଼ା ଶାନ୍ତି ତ କେଉଁଠି ନାହିଁ ।

ଇନ୍ଦ୍ର—ଜାଣ ଅର୍ଜୁନ ! ଦୀର୍ଘ ତିନିବର୍ଷ ଜେଲରେ ରହି ମନେ ପଡୁଥିଲା—ସହକର୍ମୀମାନଙ୍କର ସ୍ନେହ ସହାନୁଭୂତି, ଆଉ ସେଥିସଙ୍ଗେ ଆଖି ଆଗରେ ଫୁଟି ଦିଶୁଥିଲା ଉତ୍କଳ ଭୂମିର ଶୁଭ୍ର ଶୋଭା । ମନେ ପଡୁଥାଏ କବିଶେଖର ଚିନ୍ତାମଣିଙ୍କ ଉକ୍ତି—"ଭାରତରେ ଉତ୍କଳ ଅଟଇ ଅତୁଳ, ଉଦ୍ୟାନ ଶୋଭା ମଧ୍ୟେ ପାରିଜାତ ଫୁଲ ।" ମୁଁ ପୁଣି ସେହି ପାରିଜାତ ଉପବନକୁ ଆଜି ଫେରି ଆସିଛି । ମନରେ ଜାଗି ଉଠିଛି ଅପରିମିତ ଆନନ୍ଦ । ବ୍ୟସ୍ତ ହୋଇ ଆଜି ଚିନ୍ତା କରୁଛି ଦୀର୍ଘ ତିନିବର୍ଷ ଭିତରେ ବଡ଼ ବଡ଼ ନେତାଙ୍କ ସହିତ ବସି ବସି, ଦେଶର ହିତ ସମ୍ବନ୍ଧରେ ନାନା ତର୍କ କରି, ନିଜକୁ ସେହି ଅତି ବଡ ଭାରତୀୟ ଭାବ ସ୍ରୋତରେ ଭସେଇ ଦେଇ ପାରି ନାହିଁ । ମୋର ଜନ୍ମଭୂମିର କ୍ଷୁଦ୍ର ପରିସର ନିମନ୍ତେ ଆକୁଳ ହୋଇ ଉଠୁଛି ଅନେକ ସମୟରେ । ଭଗବାନ କେବେ ସୁଯୋଗ ଦେବେ ଦେଶବାସୀଙ୍କ ନିମନ୍ତେ କିଛି କରିବି ବୋଲି ଚିନ୍ତା କରୁଛି ନିରନ୍ତର ।

Digitized by srujan ka@gmail.com

ଚରଣ—(ପ୍ରବେଶ) ନମସ୍କାର ଅଜ୍ଞା ।

ଇନ୍ଦ୍ର—ଆସିଲ ବତ୍ସ, ଅର୍ଜୁନ !

ଅର୍ଜୁନ—ଅଜ୍ଞା !

ଇନ୍ଦ୍ର—ସବୁଛି—

ଚରଣ—କଣ ଆଉ ଭାବୁଛନ୍ତି । ଲୋକେ କହୁଛନ୍ତି ଦେଶପାଇଁ ଯଦି କିଛି କରି ନ ପାରିଲେ ସଭ୍ୟ ପଦ ଛାଡ଼ି ଦଅନ୍ତୁ—

ଇନ୍ଦ୍ର—[ପଦଗ୍ରହଣ କରି] ସଭ୍ୟପଦ ଛାଡ଼ି ଦେବାକୁ ହେବ । ଛାଡ଼ିଦେବା ଉଚିତ । ଯଦି କିଛି କରି ନ ପାରିଲି ତେବେ ଛାଡ଼ିଦେବା ଉଚିତ ।

ଅର୍ଜୁନ—ଯେଉଁ ଲୋକ ବର୍ତ୍ତମାନ କିଛି କଲେ ନାହିଁ ବୋଲି ବାହାରେ ବସି ଚିତ୍କାର କରୁଛନ୍ତି, ସେମାନେ ଯଦି ସେହି ଅସ୍ଥାନରେ ଯାଇ ବସନ୍ତେ, ତେବେ ବୁଝି ପାରନ୍ତେ କାର୍ଯ୍ୟ କରିବା କେତେ କଷ୍ଟ ସାଧ୍ୟ । କହିଲେ କେହି ବିଶ୍ୱାସ କରିବ ନାହିଁ, ଧଳପୁର ଗାଁର ରାସ୍ତାଟା ଅତି ଦଶାବନ୍ଦୀ ହୋଇ ପଡ଼ିଥିଲା । ତାକୁ ତିଆରି କରିବା ନିମନ୍ତେ ବୋର୍ଡ଼ରୁ ଟଙ୍କା ମଞ୍ଜୁର ହେଲା । ଗାଁ ଲୋକେ କହିଲେ,"ଆମେ ଏସ ଭାର ନେଇ ପାରିବୁ ନାହିଁ, ସରକାର କରନ୍ତୁ ।" ମୁଁ ସେ ଭାର ନେଇ କାର୍ଯ୍ୟ ଆରମ୍ଭ କଲି । ନାଲିର ସବୁ ସ୍ଥାନ ଦେଇ ରାସ୍ତା ତିଆରି କରେଇ, ପରେ ଶୁଣିଲି, ଲୋକେ କହିଲେ, "ଅର୍ଜୁନ ସେଥିରୁ ଅଧେ ଟଙ୍କା ଆତ୍ମସାତ୍ କରି ଦେଇଛନ୍ତି ।" ଇମିତ ଜଘନ୍ୟ ଏ ଲୋକଙ୍କ ବିଚାର ।

ଇନ୍ଦ୍ର—(ଉତ୍ତେଜ ଭାବରେ) ଲୋକଙ୍କୁ ଦୋଷ ଦେବା ଆମର ମୌରୁଷ ନୁହେଁ ଅର୍ଜୁନ, କୁତ୍ସା ଯୋଗୁଁ ଲୋକେ ଯାହା ଇଚ୍ଛା କହି ଯାଉଛନ୍ତି । ସେଥିରେ ତାଙ୍କର ଦୋଷ ନାହିଁ ।

Digitized by srujan ka@gmail.com

କରଣ—ଶିକ୍ଷିତ ଲୋକ ତ ମୋତେ ଦଳ ତ୍ୟାଗ କରି ମନାଉଛନ୍ତି; ମୁଁ ତ କହୁଛି ଶିକ୍ଷିତ ଅଶିକ୍ଷିତ ସମସ୍ତେ ସମାନ ।

ଇନ୍ଦ୍ର—ସ୍ୱଭାବ ନେଇ ଦଳମଧ୍ୟ ମୁକ୍ତିର ବିକାଶ ହୁଏ ଅର୍ଜୁନ । ଏପରି ଦଳ ବନ୍ଦ ବାନ୍ଧିବା ଆମର ସମ୍ବନ୍ଧ ନାହିଁ । ଦଳ ଗଢ଼ିବା କରି ଦଳ କାର୍ଯ୍ୟ କରିବାକୁ ମାଗ ଯାଅ ଭଗବାନ ଯାହା କରିବେ । ସେ କାର୍ଯ୍ୟ କରେ ଯେ ନିନ୍ଦା ସହେ, ଏ ଲୋକ ସୃଷ୍ଟିର ନିୟମ ।

ଶିବପ—(ପ୍ରବେଶ) ଅଜ୍ଞା ! ଅମୂର୍ତ୍ତି ବାବୁ କହିଲେ, "ସେ ଆପଣଙ୍କ ଗୁରୁବାକ୍ୟ ଶୁଣିବେ ନାହିଁ ।"

ଇନ୍ଦ୍ର—ଅମୂର୍ତ୍ତି ଏ କଥା ମତେ କହିଲା ! ଅମୂର୍ତ୍ତି ମୋର ସ୍ନେହ, ମୋର ଶ୍ରଦ୍ଧା, ମୋର ଆନ୍ତରିକତା ଭୁଲିଗଲା ?

ଶିବପ—କହିଲେ, ଆମେ କୌଣସି ନେତାଙ୍କର ଉତ୍କ୍ରୋଷ୍ଟ ନୀତିର ଅନୁବର୍ତ୍ତୀ ହୋଇ ପାରିବୁ ନାହିଁ । ଆମେ ସ୍ୱାଧୀନ ହେବୁ । ସ୍ୱାଧୀନତାହିଁ ଆମର ଲକ୍ଷ୍ୟ ହେବ ।

ଇନ୍ଦ୍ର—ଅମୂର୍ତ୍ତି ଭୁଲ କହୁଛି ଶିବଶ । ଅମୂର୍ତ୍ତି ଭୁଲ କରୁଛି । ଜଗତରେ ସୃଷ୍ଟିରେ କେବେ କୌଣସି ଲୋକ ସ୍ୱାଧୀନ ନୁହେ । କିଏ କର୍ମର ଅଧୀନ, କିଏ ଗୁଣ ତ ବ୍ୟକ୍ତିର ଅଧୀନ । ସ୍ୱାଧୀନ କେହି ନୁହେ ।

ଅମୂର୍ତ୍ତି—(ହଠାତ୍ ପ୍ରବେଶ କରି) ନିଶ୍ଚୟ ସ୍ୱାଧୀନ ହୋଇପାରେ । କାହାଁକି କେହି ସ୍ୱାଧୀନ ନ ହେବ । ବର୍ତ୍ତମାନ ମୁଁ ସେହି କାର୍ଯ୍ୟରେହିଁ ଗଢ଼ୁଛି ସ୍ୱାଧୀନ ଦଳ ।

ଇନ୍ଦ୍ର—(ହସି ହସି) ତୁମେ ଗଢ଼ୁଛ ସ୍ୱାଧୀନ ଦଳ ! ସେ ଦଳର ନେତା ହେବ ତୁମେ ନିଜେ ! ଦଳ ହେବ ତୁମର ଅଧୀନ । ତେବେ ଅନ୍ୟମାନଙ୍କର ସ୍ୱାଧୀନତା କେଉଁଠି ରହିଲା ଅମୂର୍ତ୍ତି ?

Digitized by srujan ka@gmail.com

ଅପୂର୍ଣ୍ଣ—ତୁମର କପଟ ମଧୁର ବଚନ ଶୁଣି ଶୁଣି ମୋର ଅଭ୍ୟାସ ହୋଇ ଗଲାଣି ଇନ୍ଦ୍ରନାଥ । ଯେଉଁ ଦିନ ତୁମେ କହୁଥିଲ, ଜନତା ତୁମକୁ ଗ୍ରହୁଁ ନାହାନ୍ତି, ଗ୍ରହୁଛନ୍ତି ମତେ, କିନ୍ତୁ ମୁଁ ଜାଣେ ଜନତା ଗ୍ରହୁଁ ଥିଲେ ମତେ । ତୁମକୁ ଗ୍ରହୁଁ ଥିଲେ ତୁମପରି କେତେ ଜଣ ମୁଷ୍ଟିମେୟ ନେତା ମାତ୍ର । ସେଥିପାଇଁ ଜନତା ଆଡ଼କୁ ଦୃଷ୍ଟି ଦେବାକୁ ତୁମର ଅବସର ନାହିଁ ।

ଇନ୍ଦ୍ର—ମୋ ଭଳି କେତେଜଣ ନେତା ତୁମକୁ ମଧ୍ୟ ବାଞ୍ଛୁଥାନ୍ତି, ଅପୂର୍ଣ୍ଣ । ଆଉ ତୁମେ ଏଇ ଆସନରେ ବସି ଥିଲେ ମୋଠୁ ବେଶୀ କଷ୍ଟ କରି ପାରିଥାନ୍ତ ଏ ଧାରଣା ତୁମର ଭଲ ନାହିଁ ଅପୂର୍ଣ୍ଣ ।

ଅପୂର୍ଣ୍ଣ—ଆଚ୍ଛା, ମତେ ନ ବାଞ୍ଛିବା କାରଣ କଣ କହିଲ ଆଗେ ।

ଇନ୍ଦ୍ର—ନ ବାଞ୍ଛିବା କାରଣ ମୋଠୁ ବୋଧହୁଏ ତୁମେ ହିଁ ଜାଣ ଖୁବ୍ ବେଶୀ । ଆଜି ମୋର ମନେ ପଡ଼ୁଛି—ନା ! ସେ ସବୁ କହିବା ଦରକାର ନାହିଁ । କିନ୍ତୁ ଅପୂର୍ଣ୍ଣ, ଥରେ ଦୂରଦୃଷ୍ଟି ଦେଇ ଚିନ୍ତା କରି ଦେଖ, ତୁମେ କି ଭୁଲ କରିଛ—ନିଜର ଅନବସ୍ଥିତ ଚିତ୍ତର ପରିଚୟ ଦେଇ ।

ଅପୂର୍ଣ୍ଣ—ହଁ, ନିଜର ଅନବସ୍ଥିତ ଚିତ୍ତର ପରିଚୟ ଦେଇ, ଯେଉଁବେଳେ ହଜାର ହଜାର ନିସ୍ସହାୟ ଲୋକଙ୍କ ନିମନ୍ତେ ଆହାରର ବ୍ୟବସ୍ଥା କରି ଦେଇଛି, ଏବଂ ସେଇଟା ମୋର ଭୁଲ ।

ଇନ୍ଦ୍ର—ଜପୋଇଣ ବମ୍ବାରିଂ ପରେ, କଂଗ୍ରେସର ବିଶିଷ୍ଟ ସଦସ୍ୟମାନଙ୍କୁ ମନେ କରି ତୋର୍ଣ୍ଣ ସମୟରେ, ଭାରତ ସରକାର ଭାରତ ଆକାଶକୁ ଅନ୍ଧକାରମୟ କରି ଦେଇ ଭାରତର ରାଜ୍ୟ ଏବଂ ପ୍ରିୟତମ ନେତାମାନଙ୍କୁ ନିର୍ଦ୍ଦୟ ଭାବରେ କାରାଗାରେ ଦଣ୍ଡ ଦେଇ ଥିଲେ, ସେ ସମୟରେ ତୁମେ ବ୍ରିଟିଶ ଶାସନ ସହିତ ସମ୍ପୂର୍ଣ୍ଣ ସହଯୋଗ କରି, ଶୋଷିତ ଜନସାଧାରଣଙ୍କଠାରୁ

Digitized by srujan ka@gmail.com

ଯେଉଁ ଭାବରେ ଶ୍ରଦ୍ଧା ଆଦାୟ କରିଛ, ଯେଉଁ ଭାବରେ ଏ ଦେଶର ଅନ୍ଧଜନତାକୁ, ଅସ୍ୱାଭାବେ ଲୋଭ ଦେଖେଇ ସ୍ୱର୍ଗ, ମାଲୟ, ସିଙ୍ଗାପୁର ସମର କ୍ଷେତ୍ରର ତୋପ ମୁହଁରେ ଠିଆ କରେଇ ଦେଇଛ, ତା ବଦଳରେ ତୁମେ ପାଇଛ କଣ ? ପାଇଛ ଲାଞ୍ଛନା, କୁଶିକ୍ଷା, କୁଅଭ୍ୟାସ, ଅଳ୍ପ ସାମାନ୍ୟ ତୁଚ୍ଛ ଅର୍ଥ ମାତ୍ର । ଗର୍ବ କରି କହିବାକୁ ତୁମଠାରେ କୌଣସି ପଦାର୍ଥ ନାହିଁ ଅମୂର୍ତ୍ତି ।

ଅମୂର୍ତ୍ତି—(ବ୍ୟଙ୍ଗ ହସି) ଠିକ୍ ବସାଉ ବୈଷ୍ଣବ ପରି ତୁମର କଥା ଲାଗୁଛି ଶ୍ରଦ୍ଧାଞ୍ଜଳି ଇନ୍ଦ୍ରନାଥ । ଯେହେତୁ ତୁମେ ସେଇ ସାମାନ୍ୟ ତୁଚ୍ଛ ଅର୍ଥ ଲୋଭରେ ଆଜି ବ୍ୟବସ୍ଥାପକ ଭାବରେ ବସିବାକୁ ଲୋଭୀପରି ଦୌଡ଼ ଯାଉଛ । ସେଥିପାଇଁ ଗର୍ବରେ ଆଜି ତୁମର ହୃତ୍‌ପିଣ୍ଡ ଉଚ୍ଛସି ଉଠିଛି । ବ୍ରିଟିଶ ସରକାର ତୁମ ହାତକୁ ସାମାନ୍ୟ ଅଧିକାର ଦେବାକୁ ବାଜି ହୋଇଥାଇନ୍ତି । ବର୍ତ୍ତମାନ ତୁମେ ସେହି କ୍ଷମତା ମଦରେ ଅନ୍ଧ ହୋଇ ବସିଛ । ଅତ୍ୟାଚାରର ପୀଡ଼ିତ ଜନତା ଆଡ଼କୁ ଦୃଷ୍ଟି ଦେବାକୁ ତୁମର ଅବସର ନାହିଁ । କିନ୍ତୁ ମନେ ରଖ ସମସ୍ତ ମିତ୍ର ଇନ୍ଦ୍ରନାଥ, ଚିରକାଳ କୌଣସି କଥା ସମାନ ଭାବରେ ରହେ ନାହିଁ । ନିଜ ନିଜ ସ୍ୱାର୍ଥ ଆଶାରେ ଆଜି ଯେଉଁମାନେ ତୁମର ପ୍ରଶଂସା ଅଜସ୍ର ଭାବରେ ଗାଇ ଯାଉଛନ୍ତି, କାଲି କୌଣସି ଘଟଣାରେ ବଶ ହୋଇ ତୁମକୁ ଅପମାନ ବିଚ୍ୟୁତ କରିବାକୁ ପ୍ରାଣାନ୍ତ ଚେଷ୍ଟା କରି ପାରନ୍ତି । ଆଜି ମୁଁ ଦୃଢ଼ସ୍ୱରରେ ସ୍ପଷ୍ଟତ କହିପାରେ, ଏହି ପୀଡ଼ିତ ଅବହେଳିତ ଚାଷୀ ସମ୍ପ୍ରଦାୟକୁ ତୁମେ ଯେଉଁ ଭାବରେ ଫାନ୍ଦି ଦେଇ ଆସୁଛ, ସେମାନେ ତୁମକୁ ଆଉ କୌଣସି କାଳେ ବିଶ୍ୱାସ କରିବେ ନାହିଁ । ଆଉ ତୁମେ ମଧ୍ୟ କୌଣସି ମତେ ସେମାନଙ୍କର ସମ୍ମୁଖୀନ ହୋଇ ପାରିବ ନାହିଁ ।

Digitized by srujan ka@gmail.com

ଇନ୍ଦ୍ର—(କରୁଣ ହାସ୍ୟକରି) ମୋର ତ କୌଣସି ସ୍ୱତନ୍ତ୍ରତା ନାହିଁ ଅପୂର୍ଣ୍ଣ ! ସେମାନଙ୍କର ସମ୍ମୁଖୀନ ହେବାର ମୋର କୌଣସି ଆବଶ୍ୟକତା ନାହିଁ । ଯେଉଁ କଂଗ୍ରେସ ପଚାଶ ବର୍ଷ ଧରି ଗୃହୀ ମୂଳଆଙ୍କର ଅସ୍ତିତ୍ୱ ଘୋଷଣା କରିଛି, ଯେଉଁ କଂଗ୍ରେସ ପୁଞ୍ଜିବାଦକୁ, ସାମ୍ରାଜ୍ୟବାଦକୁ, ଧନ ବାଦକୁ ଧ୍ୱଂସ କରିବା ନିମନ୍ତେ ପଚାଶ ବର୍ଷ ହେଲା ବାରମ୍ବାର ପ୍ରକାଶ କରି ବ୍ରିଟିଶ ସିଂହକୁ ବିଚଳିତ କରି ପୃଥିବୀ ଆଗରେ ଚମତ୍କାର ପ୍ରସ୍ତାବମାନ କରି ଆସିଛି, ସେହି କଂଗ୍ରେସର ପବିତ୍ର କଳ୍ପନା କୌଣସି କାଳେ ବ୍ୟର୍ଥ ହେବ ନାହିଁ ଅପୂର୍ଣ୍ଣ ହୁଏ ତ ଅଳ୍ପ କେତେକ ଜ୍ଞାନଶୂନ୍ୟ ଜନତା, କୌଣସି ପ୍ରକାର ସ୍ୱାର୍ଥର ଆକର୍ଷଣରେ, କଂଗ୍ରେସ ବିରୋଧୀଦଳ ଗଢ଼ି ପାରନ୍ତି । କିନ୍ତୁ ଦୁଇଦିନ ପରେ ସେମାନେ ନିଜ ନିଜ ଭ୍ରମ ବୁଝିପାରି ପୁଣି ସେଇ କଂଗ୍ରେସର ମହିମାମୟ ଆଶ୍ରୟରେ ଅବସ୍ଥାନ କରିବାକୁ ଟିକେ ମାତ୍ର କୁଣ୍ଠିତ ହେବେ ନାହିଁ ।

ଅପୂର୍ଣ୍ଣ—ତୁମର ଏ ବାତୁଳିକ ବୈଭବ ରହିବ ନାହିଁ ଇନ୍ଦ୍ର-ନାଥ, ଲୋକ ଏଯାଏ ଆଉ ଅବୁଝା ହୋଇ ରହି ନାହାନ୍ତି ।

ଇନ୍ଦ୍ର—ବଡ଼ ସୁଖର କଥା ଅପୂର୍ଣ୍ଣ । ମୋ ଦେଶର ଲୋକ ମୋ ଦେଶର ପ୍ରକୃତ ଅବସ୍ଥା ଜାଣିବାକୁ ଚେଷ୍ଟା କଲେଣି । ମୋର ବିଶ୍ୱାସ ଏଇ ଜାଣିବା ଶକ୍ତିଟା ଦେଇଛି ସେଇ କଂଗ୍ରେସ । ଶୁଣ ଅପୂର୍ଣ୍ଣ, ବର୍ତ୍ତମାନର ପରିସ୍ଥିତିରେ ତୁମେ ସେଇ ଅଗ କଥା ଭୁଲି ଯାଅ । ମୋ ସହିତ ସହଯୋଗ କର । ଦୁହିଁଙ୍କର ପନ୍ଥା ଏକ ହେଉ, ଜନସେବା ଆମ ଦୁହିଁଙ୍କର ଲକ୍ଷ୍ୟ ହେଉ । ଆମର ମନୁଷ୍ୟ ଜୀବନ ସାର୍ଥକ ହେଉ ।

Digitized by srujan ka@gmail.com

ଅପୂର୍ଣ୍ଣ—ତୁମେ ନିଜେ ସାର୍ଥକ ହୋଇପାର, ପରେ ଅନ୍ୟଙ୍କୁ ସାର୍ଥକ କରିବ । (ପ୍ରସ୍ଥାନ)

ଅର୍ଜୁନ—ମୁଁ କହୁଥିଲି ପରା ଅଜ୍ଞା ! ଗୋଟାପାକ ତାଲୁକାର ଲୋକ ତାଙ୍କ ଅଧୀନରେ ରହୁଲେଣି । ଲୋକେ ତ ଉଦରର ଅଜ୍ଞା କହ୍ନ । ଯେଉଁଠୁ ପେଟପୂରା କରି ପାଇଲେ ସେଇଠି କାମକଲେ ।

ଅପୂର୍ଣ୍ଣ—(ପୁନଃ ପ୍ରବେଶ କରି) ଇନ୍ଦ୍ରନାଥ, ମୁଁ ଆଜି ତୁମ ପାଖରେ ହେଲି ଦୋଷୀ । ଯେହେତୁ ଯୁଦ୍ଧାତଙ୍କ ପୀଡ଼ିତ ହଜାର ହଜାର ଅସହାୟ ଜନତାକୁ ଯୋଗେଇ ଦେଇଥିଲି କାର୍ଯ୍ୟ । ଯାହାର ସାହାଯ୍ୟରେ ସେମାନେ ମୁଠେ ଖାଇବାକୁ, ଖଣ୍ଡେ ପିନ୍ଧିବାକୁ ପାଉଥିଲେ । କିନ୍ତୁ ଆଜି ଯେଉଁମାନେ ଯୁଦ୍ଧବେଳେ ନାନା ଭାବରେ ସରକାରଙ୍କୁ ସାହାଯ୍ୟ କରି ଲାଭବାନ୍ ହୋଇଛନ୍ତି, ଯେଉଁମାନେ କଂଗ୍ରେସ ବିରୋଧ କାର୍ଯ୍ୟ କରି ଲକ୍ଷ ଲକ୍ଷ ମହଣ ଧାନ କଳାବଜାରରେ ବିକି କରି ଧନ ଗର୍ବରେ ଉନ୍ମତ୍ତ ହୋଇ ବସିଛନ୍ତି, ସେମାନଙ୍କୁ ତୁମେ ଗ୍ରହଣ କରିଛ, କଂଗ୍ରେସର ସଚ୍ଚା କର୍ମୀ ବୋଲି, ଯେଉଁମାନେ ଯୁଦ୍ଧବେଳେ ସଙ୍ଗୀତ ପ୍ରସ୍ତୁତ କରି ବ୍ରିଟିଶ ରାଜତ୍ୱର ଜୟଗାନ କରି, ହଜାର ହଜାର ଟଙ୍କା ଯୁଦ୍ଧଚନ୍ଦା ଆଦାୟ କରି, ଯୁଦ୍ଧର ସହାୟତା କରୁଥିଲେ, ସେହିମାନେ ହୋଇଛନ୍ତି ତୁମର ପ୍ରିୟ ବନ୍ଧୁ ବା ନେତୃସ୍ଥାନୀୟ ଲୋକ । ଆଉ ଯେଉଁ ଅପୂର୍ଣ୍ଣ ନ ଖାଇ ପେଟ ଜାଳିଛି, ନ ଶୋଇ ପିଠି ଫଟେଇଛି, ବୁଲି ବୁଲି ପାଦର ଚମ କ୍ଷୟ କରିଛି, କଥା କହି କହି ତୋଟି ଫୁଲେଇଛି, ତାକୁ ତୁମେ ସୁଯୋଗ ଦେଖି କରି ଦେଇଛ ଅନ୍ତର । ଅପୂର୍ଣ୍ଣ କିନ୍ତୁ ତୁମମାନଙ୍କୁ ସହଜରେ ଅବ୍ୟାହତି ଦେବ ନାହିଁ । ସେ ତୁମମାନଙ୍କୁ ଜଳେଇବ, ପୋଡ଼େଇବ, ଅପମାନ ଦେବ, ଲୋକରେ ହେୟ କରିବ, ତେବେ ଯାଇ ତାର ମନସ୍କାମନା ପୂର୍ଣ୍ଣ ହେବ ।

Digitized by srujan ka@gmail.com

ଇନ୍ଦ୍ର—(ଶାନ୍ତ ସହଜ ଭାବରେ) ଅପୂର୍ଣ୍ଣ ! ତୁମେ ଭଲ ଧାଇଁକାର ଦଶ ବହାଇ ମତେ ଗାଳି ଦେଉଛ । କିନ୍ତୁ ମୁଁ ତୁମକୁ କହୁଛି । ଜଗତ ଆଗରେ ଅବହେଳାର ପାନ କରାଇ ତୁମର ମନସ୍କାମନା ପୂର୍ଣ୍ଣ ହେବ ନାହିଁ । ମୂର୍ଖ ନହେବ ତୁମ ଦେଶର ବୟାଳିଶି କୋଟି ଜନତା ଚେତିଦେଲେ ସମସ୍ୱରରେ କହିବେ 'ଜୟ ଭାରତର ଜୟ ।'

ଅପୂର୍ଣ୍ଣ—(ବ୍ୟଙ୍ଗହସି) ହୁଁ ହୁଁ । ତୁମେ ଅତି ସୁଖରେ ଅଧିକାର ଆସନରେ ବସି, ଉପାଦେୟ ଆହାର ଖାଇ, ପତଳା ପକ୍ଷୋପ ଖଦଡ଼ ପିନ୍ଧିବ, ଖବର କାଗଜରେ ଗୋଟାଏ ଗୋଟାଏ ଲମ୍ବା ବିବୃତି ଦେଇଦେଲେ ଭ—ଦେଶର ବୟାଳିଶି କୋଟି ଲୋକ ଏକଦମ ହୋଇଯିବେ, ଆଉ କଣ କି ? ତୁମର ବାଚନିକ ବୈଭବ ତୁମର ସେଇ ଖୋସାମୋଦିଆ ଦଳ ଆଗରେ ବଖାଣି ଦେବ ଯାଅ ଇନ୍ଦ୍ରନାଥ । ଏଣେ ସ୍ୱାଳାର ସ୍ୱଜାତ ଦୀନ ହୀନ ଦେଶ-ବାସୀ ମୂର୍ଖ ହୋଇ, ପଶୁଠାରୁ ହୀନ ହୋଇ, ହରିଜନ ନାମରେ, ଶୂଦ୍ର ନାମରେ, ଦୁଃଖୀ ନାମରେ, ଅସ୍ପୃଶ୍ୟ ନାମରେ, ଅଶିକ୍ଷିତ ନାମରେ ଚିରକାଳ ପଡ଼ି ରହିଥାନ୍ତୁ । (ପ୍ରସ୍ଥାନ)

ଇନ୍ଦ୍ର—ଅର୍ଜୁନ ! ଅପୂର୍ଣ୍ଣ ମତେ ବହୁତ ଗୋଟାଏ କଡ଼ାକଥା ଶୁଣାଇ ଦେଇଗଲା । ମୋର ସେଥିରେ ଦୁଃଖ ନାହିଁ । ମୁଁ ଚାହେଁ ଦେଶର କିଛି କାର୍ଯ୍ୟ କରିବାକୁ ! ବର୍ତ୍ତମାନ ଆମର ପ୍ରଧାନ ଏବଂ ପ୍ରଥମ କାର୍ଯ୍ୟ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇବା । ତୁମେ ଏବେହେଁ ଯାଇ ଏ ଅଞ୍ଚଳର ଯେତେ ଗାଁରେ ମନ୍ଦିର ଅଛି, ସବୁ ସ୍ଥାନରେ ପ୍ରଚାର କରିଦେଇ ଆସିବ । କାଲି ପ୍ରଥମ ଏଇ ସ୍ଥାନରେ ମନ୍ଦିର ପ୍ରବେଶ କାମ ଆରମ୍ଭ ହେବ । ବୁଝିଲ, ଯାଅ ।

Digitized by srujan ka@gmail.com

ସମସ୍ତେ—ଯାଉଛୁ । ନମସ୍କାର ।

ଇନ୍ଦ୍ର—ପ୍ରତ୍ୟେକ ସ୍ଥାନରେ ସଭା ଆୟୋଜନ କରି ମୋ ପାଖକୁ ଆସିବ ।

ଅର୍ଜୁନ—ଆଜ ପ୍ରଥମେ ଏଇଠି ସଭାଟ' ହୋଇଯାଉ । ଆମେ ଯାଉଛୁ ହରିଜନ ସାହିକୁ । ଫୁଲ ଚରଣ, ଚାଲନ୍ତୁ ଗିରିଶ ବାବୁ ।

(ପ୍ରସ୍ଥାନ)

ଇନ୍ଦ୍ର—(ପଦଚାରଣକରି) ବର୍ତ୍ତମାନ ଦେଶର ଏହି ଭୀଷଣ ପରିସ୍ଥିତି । ବଙ୍ଗର ବଭୀଷିକାମୟ ସାମ୍ପ୍ରଦାୟିକ ଗଣ୍ଡଗୋଳ । ଗୁଣ୍ଡାଙ୍କ ହତ୍ୟା ମନୋଭାବର ଫଳରେ ହଜାର ହଜାର ଲୋକଙ୍କ ମୃତ୍ୟୁ । ନୂଆଖାଲିରେ ମହାତ୍ମା ଗାନ୍ଧିଙ୍କ ଅବସ୍ଥାନ, ତତ୍‌ସଙ୍ଗେ ତାହାଙ୍କର ପଦବ୍ରଜ ଯାତ୍ରା, ମୋର କଠୋର ହୃଦୟକୁ ମଧ୍ୟ ମଥିତ କରି ଦେଉଛନ୍ତି । ଅଜାଣତରେ ଆଖି ହୋଇଯାଉଛନ୍ତି ଆର୍ଦ୍ର ।

ଆଶା ନିରାଶାର ଭୀଷଣ କ୍ରୀଡ଼ା ଚାଲିଛି ଧୀର ଭାରତରେ । ବ୍ରିଟିଶ ସରକାରଙ୍କ ଭାରତ ତ୍ୟାଗ ପ୍ରତିଶ୍ରୁତି ପ୍ରଦାନ, ଏକେଣ ଲୀଗ୍ ନେତାଙ୍କ ରାଜ୍ୟ ଧ୍ୱଂସକାରୀ ଭେଦନୀତି, ବଙ୍ଗ ବିହାର ଘାଣକାଠ ସଙ୍ଗେ ସଙ୍ଗେ, ପଞ୍ଜାବ, ବମ୍ବେ ପ୍ରଭୃତି ସ୍ଥାନମାନଙ୍କର ସାମ୍ପ୍ରଦାୟିକ ହତ୍ୟାକାଣ୍ଡ । ରାଜା ମହାରାଜାମାନଙ୍କ ବ୍ରିଟିଶ ଆଶ୍ରୟ ଅବଲମ୍ବନ ନୀତି, ତଥାକଥିତ ଶିକ୍ଷିତ ସମାଜଙ୍କ ସୁବିଧାବାଦରୂପ ନୀଚ ମନୋଭାବ, ଜନସାଧାରଣଙ୍କ ଦାୟିତ୍ୱହୀନତା, ଗୋଷ୍ଠୀଗତ ବିଦ୍ୱେଷ ଇତ୍ୟାଦି ଚିନ୍ତା କରି ଅନ୍ତର ରାଜ୍ୟ ପ୍ରବଳ ବେଗରେ ଆଲୋଡ଼ିତ ହୋଇ ଉଠୁଛି ।

ଧୀର—(ପ୍ରବେଶ) ନମସ୍କାର ଅଜ୍ଞା, ସବୁ ଭଲ ତ ?

Digitized by srujan ka@gmail.com

ଇନ୍ଦ୍ର—ନମସ୍କାର, ବସନ୍ତୁ । ଆପଣଙ୍କର ଚାଷକାମଟା ବର୍ତ୍ତମାନ ଚାଲୁଛି ତ ?

ବୀର—ଚାଲୁଛି । କିନ୍ତୁ ଧର୍ମଘଟ ଗୁଡ଼ାକ ବାରମ୍ବାର ଚାଲିଛି । ଧନୀମାନଙ୍କ ଉପରେ ବିଦ୍ରୋହ ଚାଲିଛି ଦେଶରେ ।

ଇନ୍ଦ୍ର—ଆମେ ତ ଏଇଥିଲାଗି ଜଞ୍ଜାଳରେ ପଡ଼ିଛୁ । ଆପଣମାନେ [illegible]ନେ ଧନ [illegible]ଷଙ୍କ ପରି ଅବୋଧ ବସିଥିବେ । କୌଣସି ଦେଶହିତ କାର୍ଯ୍ୟରେ ମଧ୍ୟ ବ୍ୟୟ କରିବେ ନାହିଁ । ବର୍ତ୍ତମାନ ଗ୍ରାମ ସଂଗଠନ କା[illegible]ରେ, ପୁଣି ହରିଜନଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟରେ ଟଙ୍କା ବ୍ୟୟ ହେବାର କଥା ଅଛି । ଆପଣ କେତେ ଚାନ୍ଦା ଦେବେ କହନ୍ତୁ ?

ବୀର—ଚାନ୍ଦା ମୁଁ କଣ ଦେଇ ପାରିବି ଅଜ୍ଞା । ଆଉ ମଧ୍ୟ ମୋର କଣ ଅଛି ଯେ ମୁଁ ଚାନ୍ଦା ଦେବି ? ଆଉ ଯାହା ବା ଅଛି, ସେଥିରେ ମୋର କି ଅଧିକାର ଅଛି ? ଆପଣ ଜାଣନ୍ତି, ସେ ସବୁ ତ ମୋର ନୁହେଁ । ଆପଣ ମତେ ଚାନ୍ଦା ମାଗିଲେ ମୁଁ କଣ ବା ଦେଇପାରେ । ପାଞ୍ଚଟଙ୍କାରୁ ତ ବେଶୀ ଦେଇ ପାରିବି ନାହିଁ ।

ଇନ୍ଦ୍ର—ଆଚ୍ଛା, ଆପଣ ଯାଆନ୍ତୁ । ଟଙ୍କା ରଖି ରଖି ସ୍ୱର୍ଗକୁ ନେବେ ।

ବୀର—କର୍ମୀମାନେ ତ ସଭା ସମିତି କରିବେ । ଟଙ୍କା କଣ ହେବ ଅଜ୍ଞା ? କର୍ମୀ କଣ ଟଙ୍କା ନେବେ ?

ଇନ୍ଦ୍ର—(ମନେ ମନେ ସତ୍ୟ] କର୍ମୀ ଟଙ୍କା ନେବେ ନାହିଁ ସତ; କିନ୍ତୁ ସେମାନେ ଖାଇବେ [illegible]ବେ ତ ?

ବୀର—କର୍ମୀ କହିଲେ ଏଇ ପାଜୀ ଅଖିର ଲୋକ ତ ଘରୁ ଖାଇ [illegible]ଇ ଆସି ସଭାରେ ଚିଲ୍ଲାଇ ଦୁଇପଦ କହିଦେବେ । ଟଙ୍କା କଣ ହେବ ?

Digitized by srujan ka@gmail.com

ଇନ୍ଦ୍ର—ଆପଣ ତ ଅଚ୍ଛା ଯୁକ୍ତି କରୁଛନ୍ତି ? ଅଚ୍ଛା କହନ୍ତୁ ତ, ଆପଣ ଯେଉଁ ଟଙ୍କା ଗୁଡ଼ାକ ଜମେଇ ରଖୁଛନ୍ତି ଏପରି ଜମେଇ ରଖିବାରେ ଆପଣମାନଙ୍କର କି ଅଧିକାର ଅଛି ? ଟଙ୍କା ହେଲା ଚଞ୍ଚଳା, ଲକ୍ଷ୍ମୀ। କାର୍ଯ୍ୟରେ ଲଗେଇ ଉପଯୋଗ କରି, ଦେଶର ଜନସାଧାରଣଙ୍କ ଉପକାର କରନ୍ତୁ । ତାହା ନ କରି ମାଟିତଳେ ପୋତି ରଖୁଛନ୍ତି । ଆପଣମାନଙ୍କ ଭଳି କେତେଟା ଯକ୍ଷ ଦେଶରେ ରହିଥିବାରୁ ଦେଶଟା ଦିନକୁ ଦିନ ନିମ୍ନଗାମୀ ହୋଇ ଚାଲିଛି । ଯାଆନ୍ତୁ ଆପଣ, ମୁଁ କହୁଛି କଂଗ୍ରେସ କାର୍ଯ୍ୟ ନିମନ୍ତେ ସ୍ୱେଚ୍ଛାରେ ଟଙ୍କା ଚାନ୍ଦା ଦେବେ । (ପ୍ରସ୍ଥାନ)

ଧୀର—ଏଁ ଶ୍ରୀରାମ ! କଥାନାହିଁ ବାର୍ତ୍ତା ନାହିଁ ଏକା ଥରକେ ହଜାରେ ଟଙ୍କା ଚାନ୍ଦା ! (ଗମ୍ଭୀର ଭାବରେ ଚିନ୍ତା କରି) ଲୋକଟା କେଡ଼େ ପଣ୍ଡିତ ଭାବରେ କହିଦେଇ ଚାଲିଗଲା । ପ୍ରକୃତରେ କଣ ଏମାନେ ଟଙ୍କା ଚିହ୍ନୁ ନାହାନ୍ତି ? ଟଙ୍କାର ଲୋଭ ଏଡ଼ିକା କି ଦୁଷ୍ଟ, ତାହା ଏମାନେ ବୁଝିବେ କଣ ? ସେଇ ଟଙ୍କାର ଲୋଭ ଏଡ଼ି ଏମାନେ ରହିଛନ୍ତି କିପରି ? ଟଙ୍କାର ଲୋଭ ! ଟଙ୍କାର ଲୋଭ ! ଟଙ୍କାର ଲୋଭ ମୁହୂର୍ତ୍ତେ ତ୍ୟାଗ କରି ହେଉ ନାହିଁ । ଟଙ୍କା କଥା ଚିନ୍ତା କଲାବେଳେ ନିଜକୁ ଚିର ଅମର ହେଲି ଚିନ୍ତା କରିବାକୁ ପଡ଼ୁଛି, ଟଙ୍କାହିଁ ଜୀବନ ସହିତ ମନୁଷ୍ୟକୁ ରଖିଛି ବାନ୍ଧି । ଟଙ୍କାର ବନ୍ଧନରେ ବାନ୍ଧି ହୋଇ ମରିଛି ହେଲି, ମୁଁ ଆଜି ଧନମନ୍ତ୍ରଙ୍କର ଅପ୍ରିୟପାତ୍ର । ତାହାହେଲେ ଚେଷ୍ଟା କରିବି, ଏ ବନ୍ଧନରୁ ମୁକ୍ତ ହେବାକୁ । ଅର୍ଥ ରାକ୍ଷସର ମୋହ-ପାଶରୁ ମୁକ୍ତ ହେବାକୁ ଚେଷ୍ଟା କରିବି । ଆଜିଠୁଁ ଚେଷ୍ଟା କରିବି ।

——*——

[ପ୍ରସ୍ଥାନ]

Digitized by srujan ka@gmail.com

ତୃତୀୟ ଦୃଶ୍ୟ

(ସ୍ଥାନ—ଅପୂର୍ଣ୍ଣଙ୍କ ଘରର କୌଣସି ଏକ କକ୍ଷ)

(ଅମିତାର—ବୟସ କୋଡ଼ିଏ । ବର୍ଣ୍ଣ ଗୌର, ପରିଧାନ ସାଧାରଣ ଆଧୁନିକ ଧରଣର)

(ଚିନ୍ତିତ ଭାବରେ ପଦ ଚାରଣ କରି)

ଅମିତା—କଂଗ୍ରେସର କହ ବା କମ୍ୟୁନିଷ୍ଟଦଳର କହ ବା ସ୍ୱାଧୀନ ଦଳ କହ, ସମସ୍ତେ ଲାଗିଛନ୍ତି ନିଜର ନିଜର ପ୍ରତିଷ୍ଠା ସ୍ଥାପନ ନିମନ୍ତେ । ସେ କହୁଛନ୍ତି ମୁଁ ସେବକ, ଏ କହୁଛନ୍ତି ମୁଁ ସେବକ, ଅନ୍ୟ ଲୋକ କହୁଛନ୍ତି ମୁଁ ସେବକ । ମୁଁ ଭାବୁଛି ପ୍ରକୃତ ସେବକ କେହି ନୁହେଁ । ଏ ଦଳ ସେ ଦଳର ତ୍ରୁଟି ଖୋଜି ବୁଲୁଛନ୍ତି ନିରନ୍ତର । ମନେ ହୁଏ ସୃଷ୍ଟି ହୋଇଛି ଯେପରି କାହାର ପ୍ରତି କାହାର ସ୍ନେହ ନାହିଁ, ସହାନୁଭୂତି ନାହିଁ । ଅଛି କେବଳ ଆଧିପତ୍ୟର ଆକାଂକ୍ଷା ।

ଅପୂର୍ଣ୍ଣ—(ପ୍ରବେଶ) ଅଡ଼ତେଇ ଘଣ୍ଟାରେ ସଭା ହେବ । ଭଜନବାବୁ ଆସିବେ ବକ୍ତୃତା ଦେବାକୁ । ତାଙ୍କୁ ଆମର ଏଆଡ଼ୁ ଅଭିନନ୍ଦନ ଇତ୍ୟାଦି ଦିଆଯିବ । ଦେଶରେ ସେ ଜଣେ ପ୍ରଧାନ ନେତା । ଅନେକଗୁଡ଼ାଏ ଲେଖା ଲେଖି କରିବା ରହିଛି ।

ଅମିତା—ଆଚ୍ଛା ! ଭାଇ ! ତୁମେ ତ ସବୁଦିନେ ସ୍ୱାଧୀନଦଳର ପ୍ରଶଂସା କରୁଛ । ଏଇ ସ୍ୱାଧୀନ ଦଳ ଭିତରେ ତ ପୁଣି ନାୟକତ୍ୱ ସୃଷ୍ଟି ଚାଲିଛି । ଏମେ ତ ପୁଣି ସେଇ ନେତାଙ୍କର [illegible] 'ସେପାହିଙ୍କ' କହି ପ୍ରଜାମାନଙ୍କୁ ମାରିବ, ଲାଗୁଛନ୍ତି ପଥ । ତାହାହେଲେ ଆମେ ସ୍ୱାଧୀନ ହେଲେ କିପରି ?

ଅପୂର୍ଣ୍ଣ—ତା ତ ହେଉଛି ଦଳର ଶୃଙ୍ଖଳା ଉତ୍ପାଦ କପଟ ଅମିତା !

ଅମିତା—ଦଳର ଶୃଙ୍ଖଳା ନାଁରେ ମୁକ୍ତି, ତୋଷ ଚୋରିଏ ଦାବି

Digitized by srujan ka@gmail.com

ଦଳ ଗଂଠିତହୁଏ ! ତାର ଭିତରେ ରହିଗଲେ ତ ସବୁ ଝୁଣ୍ଟି ଯିବ ! ଯେଉଁ କୌଣସି ମତରେ ଲୋକଙ୍କର ଉପକାର କରିବା ଯଦି ଆମର ଉଦ୍ଦେଶ୍ୟ ହୁଏ, ତାହାହେଲେ ଗାନ୍ଧିଜୀଙ୍କର କାର୍ଯ୍ୟ ଭିତରେ ତ ଗ୍ରାମ ସଂଗଠନ କାର୍ଯ୍ୟ ଟା ରହିଛି । ବର୍ତ୍ତମାନ ଆମର ତାହାହିଁ କରିବା ଉଚିତ । ଆମେ ନିଜ ଇଚ୍ଛାରେ ସବୁ ପ୍ରକାର କ୍ଷମତା ଲଭ ଆଶାରେ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରିବା କାହିଁକି ?

ଅପୂର୍ବ—ତୋର ଏ ସବୁ ପାଗଳାମୀ କଥା ମୁଁ କିଛି ବୁଝିପାରୁନାହିଁ । ମନୁଷ୍ୟ ମନୁଷ୍ୟ ଭଳି କାମ କରିବାକୁ ହେବ । ଯେଉଁମାନେ ଆମର ଅନିଷ୍ଟ କରିଛନ୍ତି, ସେମାନଙ୍କ ଉପରେ ପ୍ରତିଶୋଧ କଳ୍ପନା ହେବା ତ ସ୍ୱାଭାବିକ, ବର୍ତ୍ତମାନ ଇନ୍ଦ୍ରନାଥ ଆସିଛି ଏଠି ଗୋଟାଏ ଆନ୍ଦୋଳନ କରିବ, ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରିବା ନିମନ୍ତେ ଚେଷ୍ଟା କରୁଛି, ତାର ଚେଷ୍ଟା ଯେପରି ସଫଳ ନ ହୁଏ ତାହାହିଁ କରିବାକୁ ହେବ । ଯେଉଁ- ମାନେ ବିନା କାରଣରେ ଆମମାନଙ୍କୁ ଅବହେଳା କରିଛନ୍ତି, ସେଇମାନଙ୍କୁ ତ ପୁଣି ନିଜର ପ୍ରତିଷ୍ଠା ଦେଖେଇ ଦେବାକୁ ହେବ !

ଚନ୍ଦ୍ରନାଥ ପଣ୍ଡିତ—[ପ୍ରବେଶ] କଣ ହେଉଛି ହୋ ?

ଅପୂର୍ବ—କଥା ପଡ଼ିଥିଲ ସେଇ ମନ୍ଦିର ପ୍ରବେଶ ସମ୍ବନ୍ଧରେ ।

ଚନ୍ଦ୍ରନାଥ—କିଣ, କଣ, ମନ୍ଦିର ପ୍ରବେଶ କଣ ?

ଅପୂର୍ବ—ଆପଣ ଶୁଣି ନାହାନ୍ତି, ହରିଜନମାନେ ମନ୍ଦିର ପ୍ରବେଶ କରୁଛନ୍ତି । ଆଜ୍ଞା କହନ୍ତୁ ତ ଅଜ୍ଞ ! ଧାଡ଼ ଯାଣଙ୍କର ହରିଜନ

Digitized by srujan ka@gmail.com

ନାଁ କପଟ ହେଲା । ସେମାନଙ୍କୁ ହରିଜନ ବୋଲି ପ୍ରଥମେ ଡାକିଲା କିଏ ?

ଚନ୍ଦ୍ରନାଥ—(ଉତ୍ତେଜିତ ଭାବରେ) ଗାନ୍ଧୀ ନିମିତ୍ତ ମହାତ୍ମା ବୋଲେଇଲେ, ହାଡ଼ିମାନେ ମଧ୍ୟ ତାଙ୍କର ନିଜ କଥାରେ ହେଲେ ହରିଜନ ।

ଅମିତା—(ମନେ ମନେ ବ୍ୟସ୍ତ ହୋଇ) ଆପଣ ଯାହା କହନ୍ତୁ, ଗାନ୍ଧୀଜୀଙ୍କର ନାଁ ଟିକୁ ଶୁଣିଦେଲେ ଭକ୍ତିରେ ସବାଙ୍ଗ ପୁଲକି ଉଠେ, ଯାହାଙ୍କର ତ୍ୟାଗ ଆଉ ପ୍ରଚୁର ବଳରେ ଆଜି ଆମେ ଦେଶଟାକୁ ଚିହ୍ନିବାକୁ, ଜାଣିବାକୁ ସଚେଷ୍ଟ ହୋଇ ପାରନ୍ତୁ, ତାଙ୍କୁ ନିନ୍ଦା ଦେଇ ମାରିବା ନାହିଁ । କୌଣସି କାଳେ, କେହି ଜଣେ ସୁଦ୍ଧା; ତାଙ୍କର ତ୍ୟାଗକୁ ତ ଅଜି ଦେଖ ଜଗତ ସାରାରେ !

ଚନ୍ଦ୍ରନାଥ—(ଘୃଣାଯାଇ) ଗାନ୍ଧୀ ଦେଶ ଜାତିକି ଖାଲି କେଉଁଠି ଆଗକୁ ନେଇପାରି ନ ଅଛି କଣ ? ଦେଖୁଦେଖୁ ହିନ୍ଦୁ ଧର୍ମ ତ ଲୋପ ହେବାକୁ ବସିଲଣି, ଆମେ କେବଳ ଗୃହୀ ବସିଛୁ, ଦେଶରେ ଆମଭଳି ଜଣେ ନୂଆଭଳି ଯଦି ବସିରହି ହେଇ ସନାତନ ନୀତିକି ନଷ୍ଟ କରିଥିବେ, ତେବେ ହିନ୍ଦୁର ହିନ୍ଦୁତ୍ୱ ଧାରେ ହେବଣି ପରେ ମୁଣ୍ଡ ନେଇକି ଉଠେ ମୁଣି । ଦେଖ ଅମୂର୍ତ୍ତି ଯାହା ହେଉଛି ହେଉ, ତୁମେ ବ୍ରାହ୍ମଣ ସନ୍ତାନ, ତୁମର ମାନିବାନବା ଉଚିତ ଯେ, ସନାତନୀ ବାଟରେ ଅମର ଅ. ୧ କୌଣସି ନୀତି ଅବଲମ୍ବନୀୟ ନୁହେଁ ।

ଅମୂର୍ତ୍ତି—ଅଜି ତ ଆମର ଏଠି ସଭା ହେବ । ଆପଣଙ୍କୁ ସେ ସଭାର ସଭାପତି ନେବାକୁ ନିଷ୍ପତ୍ତି କରିଛୁ, ଆପଣ ଲୋକଙ୍କୁ ବୁଝେଇ ଦେବେ । ମୁଁ ଯାଉଛି, ଆପଣ ଆସନ୍ତୁ । (ପ୍ରସ୍ଥାନ)

ଚନ୍ଦ୍ରନାଥ—ବୁଝେଇ ଦେବା କଣ କମ୍ ! ଘରେ ଘରେ ତ ବାରମାସି ଚୋରା ହେଲାଣି । ତୁମର ତ ଏଇ ଧାରଣାଟି ହୋଇଛି ଗାନ୍ଧୀଙ୍କ ନାଁ ଶୁଣିଲେ ସେମାନେ ଚାଲିଛନ୍ତି ବଳିକି ।

ଅମିତା—ଅଜ୍ଞା, ମୁଁ ତ ମିଛକଥା କହୁନାହିଁ—।

ଚନ୍ଦ୍ରନାଥ—(ରଗିଯାଇ ବାଧା ଦେଇ) ହଁ, ହଁ, ମିଛ କାହିଁକି କହିବୁ । ଏକାଥରକେ ସତ କହିଲୁ । ଅହା ହା, କି ସୁନ୍ଦର ସତକଥା !

ଅମିତା—ଆପଣମାନେ ଦେଶର ପ୍ରକୃତ ହିତ ସମ୍ବନ୍ଧରେ ଚିନ୍ତା କରନ୍ତି ନାହିଁ, ସେଥିପାଇଁ ସନାତନୀ ଆଧୁନିକ ପନ୍ଥୀ କଥା ନେଇ ତର୍କ କରୁଛନ୍ତି । ଅସ୍ପୃଶ୍ୟତା ନିବାରଣ ନ ହେଲେ ଦେଶର ଅଧେଲୋକ ଯେ ବିଧର୍ମୀ ହୋଇଯିବେ, ଏକଥା ଆପଣ ଭାବୁ ନାହାନ୍ତି କାହିଁକି ?

ଚନ୍ଦ୍ରନାଥ—[ରଗି] ଏଁ କେତେଟା ନୂଆ ଶବ୍ଦ ଶିଖି ଗଲୁଣି ତ ଏ ଭିତରେ। ସନାତନୀ ଶବ୍ଦ ଗୋଟାଏ ବ୍ୟବହାର କରି ପକେଇଲୁ ଯେ, ତାର ଅର୍ଥ କଣ ବୁଝିଲୁଣି ତ ? ଆମେ ତ ଏଥିକି ଆମର ସ୍ମୃତ ଶାସ୍ତ୍ର ଗୁଡ଼ାକୁ ପାଣିକି ପେଶିଦେଇ ଆସିବୁ ତୁମମାନଙ୍କ ପାଖକୁ, ଆଉ କଣ ? ସ୍ତ୍ରୀ ତ ହେଲ ଅନ୍ତଃପୁରିକା, ସେମାନଙ୍କୁ ବାହାରକୁ ଆଣିଲେ । [ବିଷାଦରେ] ସେମାନେ ନାନା ଦୁର୍ନୀତି, ନାନା ଦୁରଭ୍ୟାସ ଆରମ୍ଭ କରିବେ, ଏଇଥିରେ ଦେଶ, ଜାତି ଯିବ ରସାତଳକୁ । ଅମୂର୍ତ୍ତିଟା ତ ମୋର କୌଣସି କଥା ଶୁଣିଲା ନାହିଁ, ସେଇଦିନଠୁ ଯଦି ଝିଅଟାକୁ ଘରେ ରଖି ଥାନ୍ତା, ଏତେ ଦୁର୍ଭୋଗ ଭୋଗିବାକୁ ପଡ଼ି ନ ଥାନ୍ତା—।

ଅମିତା—ଅଜ୍ଞା ! ଆପଣ ସ୍ତ୍ରୀମାନଙ୍କୁ ତ ଅନ୍ତଃପୁରିକା ବୋଲି କହିଲେ, ଅନ୍ୟ ଦେଶରେ କାହିଁକି, ଆମରି ଏଇ ଭାରତ ଦେଶରେ, ସ୍ତ୍ରୀମାନେ ବାହାରକୁ ବାହାରି କାର୍ଯ୍ୟ କରି ଗଲେଣି ।

ଚନ୍ଦ୍ରନାଥ—[ବାଧା ଦେଇ] ଅହା ହା, ସ୍ତ୍ରୀମାନେ ଏକାବେଳକେ ଦେଶ ଗୋଟା ମାଳି ଉଦ୍ଧାର କରି ଦେଲେଣି, ଅରେ ଏ ସବୁ ତ ସମାଜକୁ ଧ୍ୱଂସ ପଥରେ ଆଣିବା ନୀତି । ବାହାରକୁ ବାହାରି

Digitized by srujan ka@gmail.com

କେଉଁଠି କେଉଁ ସ୍ତ୍ରୀଟା ଜଳରେ ଅଛି କହନ୍ତୁ ? ସ୍ତ୍ରୀ ପୁରୁଷର ସମ୍ମୁଖକୁ ଆସିଲେ ସେ ଭ୍ରଷ୍ଟା ହେଲ ବୋଲି କହିବାକୁ ହେବ । ସ୍ତ୍ରୀ ଯେଉଁ ପୁରୁଷର ଅଧୀନରୁ, ସେ ଯେତେ ଗୋପନ ସ୍ଥାନରେ ରହି ପାରିବ ସେତେ ଭଲ । ଦେଖୁଛ ତ ସ୍ତ୍ରୀ କେତୋଟା ବାହାରି ତିନ କୁଳକୁ କଳଙ୍କ ପଙ୍କରେ ବୁଡ଼େଇ ସାରିଲେଣି ।

ଅମିତା—ଅନ୍ୟ ଦେଶରେ ସ୍ତ୍ରୀମାନେ ପୁରୁଷ ସମ୍ମୁଖକୁ ଆସି ସକଳ ପ୍ରକାର ଚର୍ଚ୍ଚା କରୁଛନ୍ତି । ସ୍ତ୍ରୀମାନେ ଆଳାପ ଆଲୋଚନା କଲ ମାତ୍ରେ କଣ ଭ୍ରଷ୍ଟା ହୋଇଯିବେ ?

ଚନ୍ଦ୍ରନାଥ—ହଁ, ହଁ, ନୁହେ ଆଉ କଣ ? ତୁମଠୁଁ ତ ଆମେ ଶିଖିବାକୁ ରହିଲୁ । ଆଜି ଆଳାପ ଆଲୋଚନା କର; କାଲିକି ହସି ହସି କଥା କହ । ତା ପରେ ସ୍ନେହ, ତା ପରେ ପ୍ରେମ—ଏହ୍ୟା ବ ଗୁଳବ ! ସେଥିପାଇଁ ମୁଁ କହେ ସ୍ତ୍ରୀ ଜାତି ଆମ ଉନ୍ନତି ପଥର ପ୍ରଧାନ ଅନ୍ତରାୟ । ସେଥିପାଇଁ ପ୍ରବଜ୍ଞେ କହୁଛନ୍ତି ସ୍ତ୍ରୀଙ୍କ ହାତରେ ନିଆଁର ବେଡ଼ି ଦେଇ, ତାଙ୍କ କାନ ପୋଡ଼ ଘର ଭିତରେ ରଖ ।

ଅମିତା—ଆପଣ ଅତି ନିଷ୍ଠୁର ଭାବରେ କଥା କହୁଛନ୍ତି । ଆପଣମାନେ ବେଶ୍ୟାର ନୃତ୍ୟ ସଙ୍ଗୀତ ଶୁଣି ପ୍ରଶଂସା କରନ୍ତି । ସେତେବେଳେ ନିଜର ସ୍ତ୍ରୀ, ସମାଜ, ସଂସାର, ଧର୍ମଶାସ୍ତ୍ର, ସବୁ ଯାଆନ୍ତି ଭୁଲି । ଅଥଚ ଆପଣମାନେ ହିଁ କହନ୍ତି, ସ୍ତ୍ରୀ ପୁରୁଷର ମୁଖାବଲୋକନ କଲେ ଭ୍ରଷ୍ଟା ହୋଇଯାଏ ବୋଲି ।

ଚନ୍ଦ୍ରନାଥ—ଏଇ ତ ସ୍ତ୍ରୀମାନେ ଅପର ଜ୍ଞାନ ପାଇଲେ ହିଁ ଅନର୍ଥ କରନ୍ତି । ଦେଖିଲ ତ ? ସେଥିପାଇଁ ମୁଁ କହେ, ସ୍ତ୍ରୀମାନଙ୍କୁ ନିରକ୍ଷର କରି ରଖ, ଅନ୍ତଃପୁର ଭିତରେ ଧର୍ମ କର୍ମ ଶିଖା କରି କଥା, ମୋ ସମ୍ପୁଟ ମନ ସୃଷ୍ଟି କରିବାକୁ ଦେବାର ସାମ୍ୟ

ହେଲଣି । ଏ କଥା କଣ ! ଛି ଛି ଏ ସ୍ଥାନରେ ପାଦ ଦେବା ଉଚିତ ନୁହେଁ । [ପ୍ରସ୍ଥାନ]

ଅମିତା—ବୋଉ କହୁଛି ବିବାହ କର । କଣ କରିବି, ବିବାହ କରି ଦେଶର ସେବା କରି ପାରିବି ତ ? କାହିଁକି ବିବାହ ନ କରି ଜଣେ ଦେଶର କାର୍ଯ୍ୟକଲେ ଚଳିବ ନାହିଁ ?

ଅମିତା ମା—[ପ୍ରବେଶ] ଅମିତା !

ଅମିତା— କଣ ବୋଉ ।

ଅମିତା ମା—ଶାସ୍ତ୍ର ନାଥ ସେଇଦିନୁ ଅପେକ୍ଷା କରିଛି, ତୁ ତ ଆଉ କିଛି କହୁନୁ ନାହିଁ । ମୌନ ତୁମ ହେବା ଲକ୍ଷଣ, ହଁ ବୋଲି ଧରି ନେବାକୁ ବାଧ୍ୟ ହେଉଛି ।

ଅମିତା—ବିବାହ ନ କଲେ କଣ ଚଳିବ ନାହିଁ ବୋଉ ?

ଅ: ମା—ବିବାହ ହେଉଛି ମନୁଷ୍ୟ ସମାଜର କର୍ତ୍ତବ୍ୟ । ଅନ୍ୟଥା ଜୀବନ ରହିଯାଏ ଅସମ୍ପୂର୍ଣ୍ଣ ହୋଇ । ଗୃହସ୍ଥାଶ୍ରମରୁ ଚତୁର୍ବର୍ଗ ଫଳ ଲାଭ ହୁଏ । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, 'ନିର୍ଲିପ୍ତ ହୋଇ କର୍ମ କରି ଯିବାକୁ ହେବ ;' ଏହାର ଅର୍ଥ ସଂସାର ଯାତ୍ରା ନିର୍ବାହ କରନ୍ତେ ଶିଳ୍ପକୁ ଅର୍ପଣ କରି ଦେବାକୁ ହେବ ।

ଅମିତା—ମୁଁ କଣ ବୁଝୁଛି ଜାଣୁ ବୋଉ ! ବର୍ତ୍ତମାନ ସମାଜର ଅବସ୍ଥା ବଡ଼ ଜଟିଳ ହୋଇ ପଡ଼ିଛି । ପ୍ରତ୍ୟେକ ଗାଁ ସେ ଠିଏ ଗୋଟିଏ ରାଜ୍ୟରେ ପରିଣତ ହୋଇଯିବ, ଏଣିକି । ଆମ ଦେଶର ଗାନ୍ଧି ଗାନ୍ଧି ଗାଁ ଯେଉଁମାନେ ଅନ୍ଧ ବିଶ୍ୱାସରେ ବଳିପଡ଼ି ହୋଇ ପ୍ରାଣ ଯାଏ କାଳ କଟାଉଛନ୍ତି, ମୁଁ ସେମାନଙ୍କର ଉଦ୍ଧାର ସାଧନରେ ଲାଗିବି । ଦଶ ବାଟରେ ଯଦି ଜାତି ଭିତରେ କୋଡ଼ିଏଟି ଲୋକଙ୍କୁ ମନୁଷ୍ୟ କରିପାରେ, ସେଇ କୋଡ଼ିଏ ଜଣ ଆଉ ଦାଶବର୍ଷ ପରେ ଆଉ କେତେଟି ଗାଁକୁ ଜାଗ୍ରତ

Digitized by srujan ka@gmail.com

ପଥକୁ ନେଇ ଯାଇ ପାରିବେ । ସଂସାର କରି ଗୋଟିଏ ଘରକୁ କରିବା ଅପେକ୍ଷା ଧର୍ମହୀନ ସଂସାରକୁ ଉନ୍ନତ ଆଡ଼କୁ ନେଇ ଯିବା କଣ ଅଧିକ ବଡ଼ କଥା ନୁହେଁ ବୋଉ ?

ଅ: ମା—ସଂସାରଟା ବଡ଼ ବିଷମ ଅମିତା ! ତାର ଗତିପଥ ବଡ଼ ଜଟିଳ । ମନୁଷ୍ୟ ମନ, ଏକାକୀ ଗତି କରୁ କରୁ ପଦ କେଉଁଠି ବିଚ୍ୟୁତ ଘଟେ, ସହ୍ୟ କରିବା ଦୁର୍ବିସହ ହୋଇ ପଡ଼େ । ସେଥିପାଇଁ ଭଗବାନ ଜଣ ଜଣଙ୍କୁ ଗୋଟିଏ ଗୋଟିଏ ସ୍ଥାନ ନିର୍ଦ୍ଦେଶ କରି ଦେଇଛନ୍ତି ।

ଅମିତା—ଗୋଟିଏ ନୀତି ଚିରକାଳ ରହିବ କି ବୋଉ ? ଯଦି ରହିଥାନ୍ତା, ଆମ ମହାଭାରତରେ ଅଛି ଦ୍ରୌପଦୀ ପାଞ୍ଚ ପତିଙ୍କର ପତ୍ନୀ ଥିଲେ ; ତଥାପି ତାଙ୍କୁ ଆମେ ସତୀ ବୋଲି ମାନୁଛେ । ଆମର ଯଦି ପଣ୍ଡିତ ଦ୍ରୌପଦୀଙ୍କୁ ସତୀ ବୋଲି କହିବାକୁ କୁଣ୍ଠିତ ହୋଇ ନାହାନ୍ତି । ପୁଣି ସେଇ ଯଦି ପଣ୍ଡିତ କହୁଛନ୍ତି କୌଣସି ସ୍ତ୍ରୀ ଯଦି ପୁରୁଷର ସମ୍ପର୍କରେ ଦେଖି ଆସେ ତେବେ, ହେଲେ ସେ ହୋଇଯାଏ ଭ୍ରଷ୍ଟା—ଅନ୍ଧ ହୁଏ ତ ସେ ଧାରଣା ଆମର ମଧ୍ୟ ରହିଛି ! ପୁରୁଷ ସଂସାର ଦ୍ୱାରା ଅବଲମ୍ବନ କରି ପାରୁଛି । କିନ୍ତୁ କୌଣସି ସ୍ତ୍ରୀ ସେ ନୀତି ନେବା ଦେଖାଯାଉ ନାହିଁ । ମୁଁ ଭାବୁଛି ଏବେ ପ୍ରଚଳିତ ନୀତି ସନ୍ନ୍ୟାସ ଗ୍ରହଣ ନୀତି ମୁଁ ଇ ପ୍ରଚୁର କରିବି । ସେ ସନ୍ନ୍ୟାସ ଦ୍ୱାରା ହେବ ଜନସାଧାରଣଙ୍କ ସେବା ।

ଅମିତା ମା—ଲୋକଙ୍କର ବିଶ୍ୱାସ ଭାଜନ ହେବା ବଡ଼ କଠିନ ଅମିତା । ତୋର କଥା ଉପରେ କେହି ବିଶ୍ୱାସ କରିବେ ନାହିଁ ।

ଅମିତା—କେହି ବିଶ୍ୱାସ କରୁ ବା ନ କରୁ ତୁ ଜଣେ ମାତ୍ର ବିଶ୍ୱାସ ରଖି ଥିଲେ, ମୋର ସବୁ କାର୍ଯ୍ୟ ସିଦ୍ଧ ହୋଇ ଯିବ ।

Digitized by srujan ka@gmail.com

ଚିରକାଳର ସେଇ ଗତାନୁଗତିକ ପନ୍ଥାରେ ଚାଲିବାକୁ ମୋର ଆଉ ଇଚ୍ଛା ହେଉ ନାହିଁ । ତୁ ମତେ ଅନୁମତି ଦେ ବୋଉ, ଦେଶ ଘୋରାଯାକ ଥରେ ଆଖିରେ ଦେଖି ଜନ୍ମ ସଫଳ କରେ । ଲୋକଙ୍କର ବିଶ୍ୱାସ ଅବିଶ୍ୱାସ କଥା ଉପରେ ବିଶ୍ୱକବି ରବୀନ୍ଦ୍ର କହୁଛନ୍ତି—"ନିନ୍ଦା ଦୁଃଖ ଅପମାନେ ଯତ ଆଘାତ ଖାଇ, ତବୁ ଜାନି କିଛୁଇ ସେଥା ହାରିବାର ତୋ ନାଇଁ" । ଲୋକେ ଅନୁମାନ କରି ଯଦି ନିନ୍ଦା ଦିଅନ୍ତି, ସେଥିରେ ମୁଁ କ୍ଷୋଭ କରିବି ନାହିଁ ।

ଅମିତା ମା—ମୁଁ ଝିଅ ଜନ୍ମ କରିଥିଲି । ମନରେ ଆଶା ଥିଲା ସେମାନେ ବିବାହ କରି ସଂସାର କରିବେ, ସେମାନଙ୍କର ସୁଖ ଦେଖି ମୋର ଧନ ସରିପିବ ।

ଅମିତା—ବୋଉ ! ସଂସାର କରିବାକୁ ତ ସୃଷ୍ଟିରେ ବହୁତ ଲୋକ ଅଛନ୍ତି । ମୁଁ ସଂସାର ନ କଲେ କାହାରି କିଛି କ୍ଷତି ହେବ ନାହିଁ । ଅହୁରି ମଧ୍ୟ ମୁଁ ସଂସାରୀ ହୋଇ ସନ୍ତାନ ଜନ୍ମ କରି ଥିଲେ, ସେ ମୋର ଶ୍ରାଦ୍ଧ କ୍ରିୟା କରିଥାନ୍ତା । ବର୍ତ୍ତମାନ ମୁଁ ଜଗତରେ ଯଦି କିଛି ଭଲ କାର୍ଯ୍ୟ କରେ ତେବେ ଲୋକେ ମୋର ଶ୍ରାଦ୍ଧ କରି ଦେବେ । ମନୁଷ୍ୟ ତ ଜନ୍ମ ହେଲେ ମରିବ, ଭଲ କାର୍ଯ୍ୟ କରି ଥିଲେ ଯେ କୌଣସି ଲୋକ ଶ୍ରାଦ୍ଧ କରି ଦେବ । ସେଥି ପାଇଁ ତୁ ଦୁଃଖ କରିବୁ ନାହିଁ ।

ଅମିତା ମା—ମାଓ, ଭଗବାନ ତୋର ମନ କାମନା ପୂର୍ଣ୍ଣ କରନ୍ତୁ ।

(ପ୍ରସ୍ଥାନ)

Digitized by srujan ka@gmail.com

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

ସ୍ଥାନ—ହରିଜନ ସାହି
(ଅର୍ଜ୍ଜୁନ ଚରଣ, ଶିବଶ, ଇନ୍ଦ୍ରନାଥ, ସ୍ୱୋଗାନ ଜାତୀୟ
ସଙ୍ଗୀତ ଗାଇ ପ୍ରବେଶ)

ଜାଗରେ ଜାଗରେ ଜାଗ
ଆସିଅଛୁ ସବୁ ଜୀବନେ ଆମର ମୁର୍ତ୍ତି ଅଦ୍ଭୁତ ଦୋଗ
ଅଳସ ଆଖିର ଆବରଣ ଖୋଲି
ଆମ ଦେଶ ଦୋଲି ପଡ଼ରେ ଦାହାରି,
ଦେଖୁଅଛି ସବୁ ହିଂସାର ଅନଳେ ଜଳଇ ସୁନାର ବଙ୍ଗ ।
ସେ ଦାରୁଣ ଜ୍ୱାଳା ଲଗିଛି ରକତେ
ଦଗ୍ଧ ହୋଇଯାଏ ମରମ ସହିତେ
ତଦୂ ନାହିଁ ଘନ ମାନସ ବୀଣାରୁ ସମର ସଙ୍କେତ ରାଗ ।
ଆସ ଆସ ଦୁର୍ବ ଦୋ ମଣ୍ଡିତ ଭାଇ
ଅପମାନ ଯାଉ ଅପନୀତ ହୋଇ
ନ ଛୁଇଁ ତୁମକୁ କହୁଛୁ ଆମେ ଏ ମରଣ ଦୁଃଖୀ ହୋଇ ।
ଆସ ହେ ବ୍ରାହ୍ମଣ ଛାଡ଼ ଅଭିମାନ
ଅନ୍ତ୍ୟଜଙ୍କୁ ମଣ ତୁମରି ସମାନ
ଆସ ସନାତନୀ ନୋହି ଆଜ ତୁଳି ଅଚ୍ଛୁଆଁକୁ ଛୁଅଁ ଆଗ

Digitized by srujan ka@gmail.com

କରରେ ଜନନୀ ଜନ୍ମଭୂମି ପୂଜା
ଜୟ ଜୟ ଗାଇ ଉଡ଼ାଅରେ ଧ୍ୱଜା
ଏବେ ଧରନ ପୂର୍ଣ୍ଣ କରିବେ ଗାନ୍ଧିଜୀ ସ୍ୱାଧୀନ ସମର ଯାଗ ।

ଇନ୍ଦ୍ରନାଥ—କଲ୍ୟାଣ ଅନ୍ୟାନ୍ୟ ହରିଜନ ଭାଇ ! ଆଜି ମୁଁ ତୁମମାନଙ୍କୁ ଏତିକି ମାତ୍ର କହୁଅଛି, ତୁମମାନଙ୍କୁ ଆଜି ଭାଇ ବୋଲି ସମ୍ବୋଧନ କରିବାବେଳେ ହୃଦକୋଣରେ ଆତ୍ମା ମୋର ପୁଲକିତ ହୋଇ ଉଠୁଛି । ମୁଁ ବୁଝି ପାରୁଛି ଭାଇ ପ୍ରତି ଭାଇର ଯାହା କର୍ତ୍ତବ୍ୟ, ତାହା ଆମେ କରି ପାରି ନାହୁଁ । କଂଗ୍ରେସ ନାମରେ ଭାରତରେ ଏଇ ଯେଉଁ ବଡ଼ ସଭା ପ୍ରାୟ ପଚାଶ ବର୍ଷ ହେଲା ପ୍ରତିଷ୍ଠା ହୋଇ ଭାରତର କଲ୍ୟାଣ କାମରେ କାର୍ଯ୍ୟ କରି ଆସୁଛି, ସେଥିରୁ କାର୍ଯ୍ୟମାନଙ୍କରେ ଅସ୍ପୃଶ୍ୟତା ନିବାରଣ ହେଉଛି ପ୍ରଧାନ କାର୍ଯ୍ୟ । ଆମମାନଙ୍କର ପରମ ପୂଜ୍ୟ ମହାମାନବ ମହାତ୍ମା ଗାନ୍ଧୀ ଏବେ ଚୌଦିଗ ମନ୍ଦିରକୁ ଯାଉନ୍ତି ନାହିଁ; କାରଣ ତାଙ୍କର ଅତି ପ୍ରିୟ ହରିଜନମାନେ ମନ୍ଦିର ମଧ୍ୟକୁ ପ୍ରବେଶ କରି ପାରୁ ନାହାନ୍ତି ବୋଲି । ଆଜି ପଚାଶ ବର୍ଷ ଏଣେ ରୁଷ, ଜର୍ମାନୀ, ଜାପାନ, ଇଂଲଣ୍ଡର ଭୀଷଣ ସମର ସଂଘଟନ ଭିତରେ, ଭାରତର ଅବସ୍ଥା ପରିବର୍ତ୍ତିତ ହେବାକୁ ଯାଉଥିବା ବେଳେ, ଭାରତ ଭିତରେ ଯେଉଁ ସାମ୍ପ୍ରଦାୟିକ ହତ୍ୟାକାଣ୍ଡ ଚାଲିଛି, ତାହା ସ୍ମରଣ କରି ଦୁଃଖୀ ଏବଂ ଲଜ୍ଜାରେ ମସ୍ତକ ଅବନତ ହୋଇ ପଡ଼ୁଛି । ମୁଁ ଆଜି ତୁମମାନଙ୍କୁ ଏତିକି କହିବାକୁ ଚାହେଁ, ତୁମେମାନେ ଏତିକିବେଳେ ଆମମାନଙ୍କଠାରୁ ଦୂରରେ ନ ରହି, ନିଜକୁ ଅଛୁଆଁ ବୋଲି ନ ଭାବ, ଆମ ସଙ୍ଗେ ମୁକ୍ତି ସହଯୋଗ କରି ଦୁର୍ଦ୍ଦଶାଗ୍ରସ୍ତ ଦେଶକୁ ରକ୍ଷା କର ।

Digitized by srujan ka@gmail.com

ବିଦ୍ୟାଧର—ଆମ ଗାଁର ଏ ବଡ ବଡ଼ କଥାର ଅର୍ଥ ଜମାରୁ ବୁଝୁନୁ । କଂଗ୍ରେସ ନାଁ ଶୁଣି ଆଉ କେତେ କାଳ ପେଟରେ ଓଦା କନା ଦେଇ ପଡ଼ିବୁ । ଆମମାନଙ୍କୁ ପଠାଣ ଡାକୁଛନ୍ତି, ମାସକୁ ପନ୍ଦର ଟଙ୍କା ଦରମା ଦେବେ, ଖାଇବାକୁ ପିଇବାକୁ ଦେବେ । ଆଜି ତମକୁ ମହାପ୍ରଭୁ ଭଲ କରିଥାନ୍ତୁ । ଆମର ଦ ଅଭ୍ୟାସ ଅଛି କରି ଟିକିଏ ନ ହୋଇଲେ ରହି ପାରୁନୁ, ତାହା ମଧ୍ୟ ଦେବେ ତାଙ୍କ ପାଖକୁ ନ ଯାଇ, ଗାଁର ଏ ନୁକୁର ସୁଆଗ କଥା କାହିଁକି ଶୁଣିବୁ ସେଥି ।

ପରଶର—କାହିଁକେ ବିଦ୍ୟା ତୁ ଜାଣି ଜାଣୁନୁ, ମିଟିଙ୍ଗ ପାଦ ଯାଉଦ ଗୋଷ୍ଠର ଅଛି ମୋର ନାହିଁ ଉପକାର କରିଛି, ମୋ ସ୍ତ୍ରୀଟା ବାତ ରୋଗରେ ପଡ଼ିଥିଲା ଯେ, ଔଷଧ ପଥ୍ୟ ଦେଇ ଭଲ କଲା । ମୁଁ ତ ଜରରେ ପଡ଼ିଥିଲି, କୁଇନାଇନ ଦେଇ ଭଲ କଲା । ପିଲାଟେଲିକୁ ପିଲାଟାକୁ ଦଶ ଟଙ୍କା ଦେଇଛି, ଟଙ୍କା ଦେବି ବୋଲି କହୁଥିଲା; କାହିଁକି ଘରର ବେଶୀ ଦେବି ବୋଲି କହିଲା ନାହିଁ । ଖ୍ରୀଷ୍ଟିୟାନ ଧରମ ନେଲେ ମୋତେ ସବୁ ଭଲ ହେବ ବୋଲି କେତେଥର କହି ଯାଉଛନ୍ତି । ମୁଁ ଆଉ କାହା କଥା ଶୁଣିବ ନାହିଁ । ଆଉ ଗାଁର ମୁଲାରୀ ଦାଣ୍ଡା ଦେଖିଲା ଧୁଅଁଳିକୁ ଗଲେ ମାର ମାର ଧର ଧର କରୁଛନ୍ତି । ଖ୍ରୀଷ୍ଟିୟାନ ହେଲେ ଆମକୁ ପାଖରେ ବସାଇ ଖୁଆଇଲେ ଘର ରୁ ନୂଆ ଦେବେ ।

ବିଦ୍ୟାଧର—କଂଗ୍ରେସ ପାର୍ଟିରେ ରହିଲେ ଆମର କି ଲାଭ ଅଛି ? ଏବେ ଯେଉଁ ସ୍ୱାଧୀନ ଦଳ ହୋଇଛନ୍ତି ତାଙ୍କୁ କହିଲେ ଗାଁ ଯେଣି ଗୋଟିଏ କି କବସିନ ଟିକିଏ ମିଳନ୍ତା, ଆମ କଂଗ୍ରେସ ସରକାର ଆମ ପାଇଁ କଣ କରି ପକାଉଛନ୍ତି ଯେ, ଆମେ ଆମ କଂଗ୍ରେସ ଆମ କଂଗ୍ରେସ ହେଉଥିବା ।

Digitized by srujan ka@gmail.com

ପରାଶର—ନାଇଁ ଆମେ ପାଦ୍ରୀ ହୋଇ ଗଲେ ତ ଗଲ, ଏତେ କଥା କାହିଁକି ? ଏଣେ ଆଙ୍କୁ ଡାକିବେ ତେଣେ ତାଙ୍କୁ ଡାକିବେ, ଆମେ କାହା କଥା ଶୁଣିବୁନୁ । ସେଇ ଖିରସ୍ତାନ ଧରମ ଏକା ବଡ଼ ଭଲ ।

କଲ୍ୟାଣ—ଭାଇମାନେ ! ମୁଁ ଆଜି ଗୋଟିଏ କଥା କହୁଛି । ବଡ ଦୁଃଖର କଥା, କେତେ ଯୁଗ ହେଲା ମହାତ୍ମାଗାନ୍ଧୀ ଆମ ପାଇଁ ଲଢ଼ି ଲଢ଼ି ଏବେ ଆଇନ କଲେ, ଆମେ ମନ୍ଦିରକୁ ଯିବା, ସେ କଥା ଆମେ ପାସୋରି ଦେବା ନାହିଁ । ଗାଁ ଲୋକେ ତାଙ୍କର ସେଇ ପୁରୁଣା କାଳିଆ ମାତ ଧରି ଆମକୁ ଛାଡ଼ୁ ନାହାନ୍ତି । ତାହାବୋଲି, ଆମେ ଅନ୍ୟପାହିଁ ବା ଅନ୍ୟ ଧର୍ମକୁ ଯିବା ଏକଥା ଆମପକ୍ଷରେ କେବେହେଲେ ଉଚିତ ନୁହେ । ମୁଁ ତ ଚିରକାଳ କଂଗ୍ରେସକୁ ମାନି ଆସିଛି । ଅନ୍ୟ ଲୋକ ଟଙ୍କା ପଇସା ବା ସୁଖ ସମ୍ପଦର ଲୋଭ ଦେଖାଇଲେ ବୋଲି ଆମେ କଂଗ୍ରେସ ଭିତରୁ ବାହାରି ପଡ଼ିବା ଏ କଥା କେବେ ହେବ ନାହିଁ । ଧର୍ମ ଭିତରୁ ବାହାରି ପଡ଼ିବା ଏକଥା କେବେ ହେବନାହିଁ । ଆମେ ଧର୍ମ ଛାଡ଼ିବା ନାହିଁ କି କଂଗ୍ରେସକୁ ଛାଡ଼ିବା ନାହିଁ ।

ପରାଶର—ସେପେନସ୍ଥ ଦେଶର ପାଦରି ସାହେବ ମୋ ପାଖକୁ ଟଙ୍କା ପଠେଇଛି; ମୋ ପିଲାକୁ ପାଠ ପଢ଼େଇବାକୁ । ନାଇଁ ସେ ଅଲଗା କଥା, ମୁଁ ନ କେବେ ପାସୋରି ପାରୁନାହିଁ, ମୁଁ ସେ ଧର୍ମ ନେବି ।

ବିଦ୍ୟାଧର—ହଁରେ ଭାଇ, ଯାଙ୍କୁ କହୁ କହୁ, ଗୋଡ଼ହାତ ଧରି ଦେଉଳ ଦୁଆରକୁ ନେଇ ନାହାନ୍ତି । ସେମାନେ ଆମକୁ ଡାକି ନେଉଛନ୍ତି । ଆମ ମନପ୍ରାଣ ସେଇ ଆଡ଼କୁ ଧାଇଁଲାଣି । ଆମେ ଆଉ ଏତେ ହେଳା ସହି ପାରିବୁ ନାହିଁ ।

Digitized by srujan ka@gmail.com

କଲ୍ୟାଣ—ଆଜ୍ଞା, ଆମର ବୁଝି ନାହିଁ, ଏଇ ଧର୍ମ ଛାଡ଼ିବାପାଇଁ ସାରା ବଙ୍ଗଳା ଦେଶରେ ହାଣକାଠ ଚାଲିଛି। ନିଜର ଲୋକ ହେବ ବୋଲି ଆମକୁ ତାଙ୍କ ଧର୍ମ ଭିତରେ ଭର୍ତ୍ତି କରି ଦେବାକୁ ଯତ୍ନ କରୁଛନ୍ତି। ସେ ଧର୍ମ ନ ନେଲେ ହାଣୁଛନ୍ତି, ମାରୁଛନ୍ତି। ଏବୁଡ଼ାକ ଶୁଣୁ ନା ଆଉ କଣ ଭାବୁଛଟି ? ବଙ୍ଗଳାରେ ସ୍ତ୍ରୀ ଲୋକଙ୍କ ଉପରେ ଯେଉଁ ଅତ୍ୟାଚାର ଚାଲିଛି, ଭାବିଲେ ଦେହର ରକ୍ତ ତାତି ଯାଉଛି। ଆମେ ହିନ୍ଦୁ ଚିରକାଳ ହିନ୍ଦୁ ରହିବା ! ହିନ୍ଦୁର ରକ୍ତ ଶିରା ପ୍ରଶିରାରେ ବହି ଯାଉଛି ! ହିନ୍ଦୁ ପାଇଁ ପ୍ରାଣ ଦେବା ପଛକେ ଧର୍ମ ଛାଡ଼ିବା ନାହିଁ ।

ଇନ୍ଦ୍ର—କହିଯାଅ ଭାଇ ! ଅହୁରି କହି ଯାଅ ! କି ସୁନ୍ଦର ତୁମର ଯୁକ୍ତି। ଆମେ ହିନ୍ଦୁ, ହିନ୍ଦୁ ପାଇଁ ଦେବା ପ୍ରାଣ। ଆଜି ମୁଁ ଦୃଢ଼ କଣ୍ଠରେ କହିପାରେ, ତୁମେ ନାମରେ ହରିଜନ ହେଲେହେଁ, କୌଣସି ଶ୍ରେଷ୍ଠ ହିନ୍ଦୁଠାରୁ ନ୍ୟୂନ ନୁହଁ। ମୋର ବିଶ୍ୱାସ ତୁମେ ହିଁ ମାନିଛ ଗୀତାର ବାଣୀ। 'ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମୋ ଭୟାବହଃ।' ଯାହା ବଡ଼ ସତ୍ୟ ବୋଲି, ଶ୍ରେୟ ବୋଲି ମାନି ନେଇଛେ, ତାହା କୌଣସି ଅତିବଡ଼ ପ୍ରଲୋଭନରେ ମଧ୍ୟ ତ୍ୟାଗ କରିବା ନାହିଁ। ଯେଉଁ ଜାତୀୟ ଅନୁଷ୍ଠାନ ଦ୍ୱାରା ଆଜି ଆମେ ପୃଥିବୀ ନିକଟରେ ପରିଚିତ ହୋଇଛେ, ଯେଉଁ କଂଗ୍ରେସ ଭାରତର ପୀଡ଼ିତ ଜନତା ନିମନ୍ତେ ପଚାଶ ବର୍ଷ ହେଲା ବ୍ରିଟିଶ ସରକାର ସଙ୍ଗେ ଲଢ଼େଇ କରି ତାହାର ପ୍ରବଳ ଦମନ ନୀତିର ଆଘାତରେ ବାରଂବାର ବିକଳ ହେଉଛି। ଭୋଗ କରି ଆସିଅଛି, ଯାହାର ପ୍ରଭାବରେ ଆଜି ବ୍ରିଟିଶ ସରକାର ଭାରତ ଛାଡ଼ି ପଳାୟନ କରିବାକୁ ବସିଛି, ସେହି କଂଗ୍ରେସ ଅନୁଷ୍ଠାନ ପ୍ରତ୍ୟେକ ଭାରତୀୟ ପକ୍ଷରେ କେତେବଡ଼ ମହାନ୍, କେତେବଡ଼

Digitized by srujan ka@gmail.com

ସନ୍ନ୍ୟାସୀ, କେତେଜଣ ଶାନ୍ତିଧାରୀ ତାଙ୍କ କେତେ ଭୂମେଇଁ ଏକା ଅନୁଭବ କରୁଛନ୍ତି କଲ୍ୟାଣୀ ।

କଲ୍ୟାଣୀ—ଭାଇମାନେ, ଆଜି ଶୁଭ ମୁହୂର୍ତ୍ତରେ ସମସ୍ତେ ବୋଲ 'ଜୟ ଭାରତମାତାର ଜୟ' । 'ଜୟ ନିର୍ଭୀକ ସତ୍ୟକାର,' 'ଜୟ ଜନନୀ ଜନ୍ମଭୂମିର ଜୟ ।'

ଇନ୍ଦ୍ର—ଭାଇମାନେ, ଆଜି ତୁମେମାନେ ସମସ୍ତେ ଏକତ୍ରିତ ହୋଇ ଯୋଗୀନାଥ ମନ୍ଦିର ନିକଟକୁ ଆସିବ । ବର୍ତ୍ତମାନ ମୁଁ ଯାଏ । ଅନ୍ୟସ୍ଥାନରେ ଲୋକଙ୍କୁ ବୁଝେଇ ଆଜି ସନ୍ଧ୍ୟାବେଳକୁ ମନ୍ଦିରକୁ ଆସିବ ।

କଲ୍ୟାଣୀ—ଆଉ ଆମେମାନେ—ଜୟ ଇନ୍ଦ୍ରନାଥଙ୍କର ଜୟ ।

ଇନ୍ଦ୍ର—ନା ଭାଇ ଇନ୍ଦ୍ରନାଥଙ୍କ ଜୟ ନୁହେଁ, ବୋଲ ଜୟ ଭାରତର ଜୟ !

ସମସ୍ତେ—ଜୟ ଭାରତର ଜୟ

ଇନ୍ଦ୍ର—ଜୟ ! ଭାରତର ଜୟ !

[ପ୍ରସ୍ଥାନ]

ଦ୍ୱିତୀୟ ଦୃଶ୍ୟ

ସ୍ଥାନ—ମନ୍ଦିର ଦ୍ୱାର, କେତେକ ଲୋକ ଏକତ୍ର ଥିବା ।

[ଅରୁଣ, ଶଙ୍କର, ଅପୂର୍ବ ପ୍ରବେଶ]

ଅପୂର୍ବ—(ପ୍ରବେଶ) ବୋଲ ! 'ଜୟ ଗାନ୍ଧୀ ମହାତ୍ମାଙ୍କର ଜୟ । ଜୟ ସ୍ୱାଧୀନତାର ଜୟ । ଜୟ ପୀଡ଼ିତର ଜୟ !'

ସମସ୍ତେ—(ସମ ସ୍ୱରରେ କହିବା)

Digitized by srujan ka@gmail.com

ଗୀତ

ସାମ୍ରାଜ୍ୟବାଦକୁ ଦଅ ଧ୍ୱଂସ କରି
ଗହ୍ୱର ଖାଇ ବାନ୍ଧିବେ ନାହିଁ ଯିବେ ମରି ।
କଂଗ୍ରେସ ରାଜ୍ୟ ହେଲ ବୋଲି ଭ ପଡ଼େ ନୁର
ନ କର କାହିଁ ବୁଲନ୍ତି ମନ୍ତ୍ରୀ ଗାଦି ଧରି ।
ଧନୀମାନଙ୍କ ସିନ୍ଧୁକ ସିନା ଦେଲେ ଭରି
ରହିଲେ ସେହୁ ଧୂଳେ ଦୋକାନ ଘର କରି ।
ଭୋଟ ମାଗିବାବେଳେ ଦେଉଥିଲେ ଉଣ୍ଡ
ଏବେ ଖେଳୁଛନ୍ତି ଖେଳ ଗୁର୍ଣ୍ଣୀ ପ୍ରାଣ ଧରି ।

ଅମୂର୍ତ୍ତି—ଭାଇମାନେ, ଆଜି ଆପଣମାନଙ୍କ ସମ୍ମୁଖରେ କହିବାକୁ ମୋର କୌଣସି ପ୍ରକାର କୁଣ୍ଠାଭାବ ନାହିଁ । ମୁଁ ଜାଣେ ତୁମେମାନେ ମତେ ବର୍ତ୍ତମାନ ମଧ୍ୟ ପ୍ରାଣରେ ବିଶ୍ୱାସ କରୁଛ । ପାଞ୍ଚବର୍ଷ ପୂର୍ବେ ମୁଁ ଭୋଟଦେଲେ କଂଗ୍ରେସ ନେତାଙ୍କ ଅନୁସରଣ କରି ତୁମମାନଙ୍କ ସମ୍ମୁଖରେ ଠିଆ ହୋଇଥିଲି, ତୁମେମାନେ ହିଁ ମୋ ଆଗକୁ ଗୁହାଁ ନ ଥିଲ । ଆଜି ସେଇ ମୁଁ, ତଥାପି ତୁମେମାନେ ମୋର ପ୍ରତ୍ୟେକ କଥାକୁ ଅମୃତଧାର ବୋଲି ମନେ କରି ମାନି ନେଉଛ । ତୁମେମାନେ ବୁଝି ପାରୁଛ ବର୍ତ୍ତମାନ କଂଗ୍ରେସ ଶାସନ ଅଚଳ ହୋଇ ଯାଉଛି । ଆମର ଆଶା ଥିଲା ଏଥର ଆମର ଦେଶ ସୌଭାଗ୍ୟରେ ଅଭିବୃଦ୍ଧି ହେବ । କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଅଭିବୃଦ୍ଧି ହେବା ଦୂରେଥାଉ [illegible] ଦଶ ବର୍ଷ ପଛକୁ ଗଲା । ତୁମେ ସବୁ ଦେଖିବାକୁ ପାଉଛ, ଶାସକମାନଙ୍କଠାରେ ଧନୀମାନେ କାଳାବଜାରି ଦ୍ୱାରା କୁମ୍ଭୀର [illegible] ହେଉଛନ୍ତି । ସାଧା ଲୋକ

Digitized by srujan ka@gmail.com

ଆଜି ତୁମେମାନେ କିରସିନି ଯୋଗାଏ ନ ପାଇ ହୁଏ ତ ରୋଗୀ ଯନ୍ତ୍ରାନଙ୍କୁ ଧରି ଅନ୍ଧକାର ଘରେ କଷ୍ଟ ପାଉଛି—

ଶଙ୍କର—ଖାଲି କିରସିନ କାହିଁକି । ସାମାନ୍ୟ ନିଆଁ ପେଡ଼ିର ଅଭାବରେ ଲୋକେ ଦାରୁଣ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ପ୍ରତ୍ୟେକ ଦୋକାନଦାର ତାର ଲୁଗା ବ୍ୟବସାୟକୁ ଇମିତ ଭାବରେ ଆରମ୍ଭ କରୁଛନ୍ତି ଯେ, କୌଣସି ଗରିବ ଲୋକ ଖଣ୍ଡିଏ ଗୁଦର ମୁଣ୍ଡା ପାଇ ପାରୁ ନାହିଁ । ଯେ ସବୁ ଲୁଚୁଛି ଧନୀମାନଙ୍କର ଭୋଗରେ । ମୁଁ ଯେତେଦୂର ଜାଣେ ପଲ୍ଲୀମାନଙ୍କରେ ଲୋକେ ଲୁଣ ଟିକିଏ ନ ପାଇ ରୋଗୀର ପଥ୍ୟରେ ଲୁଣ ବ୍ୟବହାର କରି ଚଳୁଛନ୍ତି । ବର୍ତ୍ତମାନ ଗୋଟାଏ ଦୋହା ଉଠୁଛି କର୍ମଚାରୀଙ୍କ କାର୍ଯ୍ୟର ଆଲୋଚନା । ବିଚାରି କର୍ମଚାରୀଗଣ ଚିରକାଳ ସେଇ ଅଳ୍ପ ସ୍ୱଳ୍ପ ବେତନ ପାଇ ନିଜର କର୍ତ୍ତବ୍ୟରେ ତ୍ରୁଟି କରି ନାହାନ୍ତି । ସେମାନଙ୍କର ସୁଖ ଦୁଃଖ ସମ୍ବନ୍ଧରେ ତ କୌଣସି ଚିନ୍ତା କରାଯାଉ ନାହିଁ । କରାଯାଉଛି ସେମାନଙ୍କର କାର୍ଯ୍ୟର ସମାଲୋଚନା ।

ସମେନ୍ଦ୍ର—ତାହାହେଲେ ତୁମେ ସବୁ ଆମମାନଙ୍କୁ କି ଉପଦେଶ ଦେଉଛ ?

ଅମୂଲ୍ୟ—ଉପଦେଶ ନୁହେଁ । ଅନୁରୋଧ କରୁଛୁ । ତୁମେ କୃଷୀ, ମୂଲିଆ ସମସ୍ତେ ଏକତ୍ରିତ ହୋଇ ସରକାରଙ୍କ ନିକଟରେ ଜମିଦାରୀ ପ୍ରଥା ଲୋପ କରିବା ନିମନ୍ତେ ଦାବୀ କର । ଏଇ ଯେଉଁ ମିଲ ମାଲିକମାନେ, ମଠର ମାଲିକମାନେ, ତୁମମାନଙ୍କୁ ଦିବାରାତ୍ର ଖଟାଇ ତୁମକୁ ଉପଯୁକ୍ତ ମଜୁରି ଦେଉ ନାହାନ୍ତି, ସେମାନଙ୍କ ବିପକ୍ଷରେ ଆରମ୍ଭ କର ଅଭିଯାନ । ଆଜି ମୁଁ ମୁକ୍ତକଣ୍ଠରେ କହିବାକୁ ଚାହେଁ, ଯେଉଁ ଦେଶର ଶ୍ରମିକ

Digitized by srujan ka@gmail.com

ଦୁଃଖୀ, ଯେଉଁ ଦେଶର ଶିକ୍ଷକ ପୀଡ଼ିତ, ଯେଉଁ ଦେଶର କୃଷୀ ଶୋଷିତ, ଯେଉଁ ଦେଶର କର୍ମଶ୍ରମୀ ଅବଜ୍ଞିତ, ସେ ଦେଶର ରାଜା ସେ ଦେଶର ରାଜତ୍ୱ ଧ୍ୱଂସ ହେଉ।

ଅନୁଷ୍ଠ—ମୁଁ କହେ, ଧ୍ୱଂସ ହେଉ ଧନୀକବାଦ। ଧ୍ୱଂସ ହେଉ ସାମ୍ରାଜ୍ୟବାଦ। ଧ୍ୱଂସ ହେଉ ଧନତନ୍ତ୍ରବାଦ। ଭାଇମାନେ ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ, ରୁଷ ଦେଶରେ ଶାସକଗଣ ଏ ଭଳି ନୀତି ପ୍ରବର୍ତ୍ତନ କରାଇଅଛନ୍ତି। 'ଯାହାର ଯେତକ କାର୍ଯ୍ୟ ସେ ପାଇବ ସେତକ' ଅର୍ଥାତ୍ ଯେ ଯେତକ ଭଲ ଦରର କାର୍ଯ୍ୟ କରି ପାରିବ ସେ ତାର ପ୍ରତିଶ୍ରମର ବିନିମୟରେ ସେତକ ମୂଲ୍ୟ ପାଇବ। ସେ ଦେଶରେ ଧନୀ ଗରିବ ଭିତରେ କୌଣସି ପ୍ରଭେଦ ନାହିଁ। ସେ ଦେଶବାସୀ ଅଭିଜାତ୍ୟ ଅଭିମାନରେ କୌଣସି ବ୍ୟକ୍ତିଙ୍କୁ ହେୟ ଦୃଷ୍ଟିରେ ଦେଖନ୍ତି ନାହିଁ। ସେ ଦେଶର ଜନସାଧାରଣଙ୍କ ରକ୍ଷାକର୍ତ୍ତା ପାଳନ କର୍ତ୍ତା ସରକାର। ସେ ଦେଶରେ ଯାହାର ବହୁ ସନ୍ତାନ ହେଲା, ସେ ମୁଣ୍ଡରେ ହାତ ଦେଇ ବସୁ ନାହିଁ। ମୁଣି ଯାହାର ସନ୍ତାନ ନାହିଁ ସେ ମୋର ସଞ୍ଚିତ ସମ୍ପତ୍ତି କିଏ ଭୋଗ କରିବ ବୋଲି ଚିନ୍ତା କରିବାକୁ ଅବସର ପାଉ ନାହିଁ। ବହୁ ସନ୍ତାନ ହେଲେ ସରକାର ନେଉଛନ୍ତି ତାର ଭାର। ନିଃସନ୍ତାନ ହେଲେ ଶେଷ ସମୟରେ ସରକାରୀ ହସ୍ପିଟାଲରେ ଲୋକ ପାଉଛନ୍ତି ସେବା। ପ୍ରତ୍ୟେକ ଦେଶବାସୀ ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ସ୍ୱଚ୍ଛନ୍ଦବିହାରୀ, ଚିରସୁଖୀ। ମୋର ଇଚ୍ଛା ଆମ ଦେଶରେ ସେହି ନୀତିର ପ୍ରତିଷ୍ଠା ହେଉ। ପୁଞ୍ଜି ଗଚ୍ଛିତ ନାମରେ ଚିରତରେ ନାଶ ହେଉ।

ସମସ୍ତେ—ଜୟ, ଅନୁଷ୍ଠ ବାବୁଙ୍କ ଜୟ।

Digitized by srujan ka@gmail.com

ଚନ୍ଦ୍ରନାଥ—(ପ୍ରବେଶ) ଜୟ ସନାତନ ଧର୍ମର ଜୟ ।

ଅପୂର୍ବ—ଆସନ୍ତୁ, ଆସନ୍ତୁ ।

ଚନ୍ଦ୍ରନାଥ—ଆପଣମାନଙ୍କୁ ମୁଁ ଆଜି ଗୋଟିଏ କଥା କହିବି । ଶୁଣନ୍ତୁ କହୁଛି । ଆପଣମାନେ ହେଲେ ବିଶ୍ୱାସୀ ଲୋକ । ବୁଝିଲେ, ହିଁ, ଧର୍ମକୁ ବିଶ୍ୱାସ କରିବାହିଁ ହେଉଛି ଆପଣମାନଙ୍କର ଧର୍ମ । ଏବେ କଥା ବାହାରିଛି ଗାନ୍ଧୀ କହୁଛନ୍ତି—'ହାଡ଼ି ପାଣ ଦେଉଳକୁ ଯିବେ ।' ଆରେ, ହାଡ଼ିଟାକୁ ହରିଜନ ବୋଲି କହିଲେ ମଧ୍ୟ ସେ କଣ କେବେ ବ୍ରାହ୍ମଣ ହୋଇ ପାରିବ ? ତତେ ତୋ ମା ଜଗନ୍ନାଥ ବୋଲି ନାଁ ଦେଇଥିଲେ ତୁ କଣ ଜଗନ୍ନାଥ ହୋଇଯିବୁ ? ଲୋକେ ଯିନା ତତେ ଜଗନ୍ନାଥ ବୋଲି ଡାକିବେ, ତୁ ତ ଆଉ ଜଗନ୍ନାଥ ହୋଇ ପାରିବୁ ନାହିଁ, ସେଥିପାଇଁ ମୁଁ କହୁଛି ହାଡ଼ିଟା ଚିରକାଳ ହାଡ଼ି ହୋଇ ରହିବ । ହରିଜନ ବୋଲି କହିଦେଲେ ବ୍ରାହ୍ମଣ ହୋଇ ପାରିବ ନାହିଁ । ତୁମେ ମୋ କଥା ଶୁଣ, ସେଇ ଚିରକାଳର ସନାତନୀ ପ୍ରଥା ରକ୍ଷା କରିବା ନିମନ୍ତେ ସମସ୍ତେ ଏକମତ ହୋଇ ହାଡ଼ି ପାଣଗୁଡ଼ାକୁ ଦେଉଳକୁ ଯିବା କଥାରେ ବାରଣ କରିଦିଅ । (ପ୍ରସ୍ଥାନ)

ଅପୂର୍ବ—ଆଜ୍ଞା ଭାଇମାନେ, ମୋ କହିବା କଥାରୁ ତୁମେମାନେ ନିଶ୍ଚୟ ସବୁ ବୁଝି ଯାଇଛ । ବର୍ତ୍ତମାନ ଜାଣି କହିବା ରହିଛି ବାକି । ତୁମେ ସମସ୍ତେ ଆମର ସ୍ୱାଧୀନ ଦଳର ଅନ୍ତର୍ଭୁକ୍ତ ହୋଇ ଯଥାଶୀଘ୍ର ସଭ୍ୟ ହେବ । ଅନ୍ୟମାନଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଇବ ।

Digitized by srujan ka@gmail.com

ଶଙ୍କର—ଭାଇମାନେ, ଆମର ଏହି ଅପୂର୍ଣ୍ଣବାବୁ ତୁମମାନଙ୍କର କଲ୍ୟାଣ କାମନାରେ ଦିନରାତ ଯେତେ ଚିନ୍ତା କରୁଛନ୍ତି, ସେଥିପାଇଁ ଆମେମାନେ ତାହାଙ୍କଠାରେ ଋଣୀ । ଆଜ ତାଙ୍କର ବହୁ ମୂଲ୍ୟ ସମୟ ବ୍ୟୟ କରି ଆମ୍ଭମାନଙ୍କୁ ଯେଉଁ ଅମୂଲ୍ୟବାଣୀ ଶୁଣାଇଲେ, ସେଥିପାଇଁ ତୁମମାନଙ୍କ ପକ୍ଷରୁ ତାଙ୍କୁ ମୁଁ ଶତ ଧନ୍ୟବାଦ ଅର୍ପଣ କରୁଛି ।

ଅପୂର୍ଣ୍ଣ—ବର୍ତ୍ତମାନ ସଭା ଭଙ୍ଗ ହେଉ । (ପ୍ରସ୍ଥାନ)

ଗୁରୁଚରଣ—(ପ୍ରବେଶ) ଆଜ ତ କାହିଁକି ମୋ ଛାତିଟା ଧୁକୁ ଧୁକୁ ହେଉଛି । ଗାଁର ସେ ପାଖରେ ଗୋଟାଏ ସଭା ହୋଇଥିଲା ଏଣେ ମନ୍ଦିର ପାଖରେ ହେଉଛି ଆଉ ଗୋଟାଏ ସଭା । ଗାନ୍ଧୀ ଦଳ, ସ୍ୱାଧୀନ ଦଳ, ଏ ଭିତରୁ କିଏ ଯେ ଦେଶହିତ କରୁଛି, ମୁଁ କିଛି ବୁଝି ପାରିଲି ନାହିଁ ।

ଶଙ୍କର—(ପ୍ରବେଶ) ନମସ୍କାର ଗୁରୁବାବୁ ମହାଶୟେ । ଭଲ ଅଛନ୍ତି ତ ?

ଗୁରୁ—ହଇ ହୋ, ଆପଣମାନଙ୍କର ଏହି ଯେଉଁ ସ୍ୱାଧୀନ ଦଳର ସଭାଟ ହେଲା ସମସ୍ତେ ତ ବେଶ୍ ପାଟିକରି କହିଲେ,—ସାମ୍ରାଜ୍ୟବାଦ ଧ୍ୱଂସ ହେଉ, ପୁଞ୍ଜିବାଦ ଧ୍ୱଂସ ହେଉ, ଜମିଦାରୀ ପ୍ରଥା ଲୋପ ହେଉ, ପଇସା କାହା ହାତରେ ନ ରହୁ—ଇତ୍ୟାଦି ଇତ୍ୟାଦି । ମାନେ ଖୋଜିଲେ ତା ଭିତରୁ ବାହାରିବେ ଶହେକେ ଅନେକ ଚୋର ବେପାରୀ, ଋଣ କାରବାରୀ, ପୁଞ୍ଜିବାଦ ପ୍ରଚୁର, ସୁଖବିଳାସ ବାହାର, ଘୃତମାଂସ ପାୟସ ମିଷ୍ଟାନ୍ନ ଆହାରି ଇତ୍ୟାଦି । ଶେଷରେ ଲୋକଙ୍କୁ ଏତିକ ବୁଝାଗଲା ନାହିଁ କାହିଁକି ଯେ, ଭଡାଘରେ ରହି ଭଡ଼ା ଦେବ ନାହିଁ । ଦୋକାନରୁ ଜିନିଷ ନେଇ ପଇସା ଦେବ ନାହିଁ ।

Digitized by srujan ka@gmail.com

ଶଙ୍କର—କଣ ତୁମେ ଇମିତ କଥା କହୁଛ ପୂଜାରୀ ମହାଶୟେ ! ତୁମେ ଜାଣ ଆମେ ଦେଶରେ ଏଇ ବିରାଟ ଜନତାକୁ ଶୋଷଣବାଦରୁ ରକ୍ଷା କରିବା ନିମନ୍ତେ ଚେଷ୍ଟା ଚଳେଇଛୁ । ଆଜି ଆମ ଦେଶର ଅଣ୍ଟାରୁ ବାନ୍ଧାଯାଏ ସମସ୍ତେ ସେଇ ରୁଷିଆ ନୀତିର ପକ୍ଷପାତୀ ।

ଗୁରୁ—ରୁଷିଆ ଦେଶର କଥା ପଡ଼ିଗଲେ ତ ବାୟା ହେଇ ଯାଉଛ । ଆମ ଦେଶ, ଆମ ନୀତି ବୋଲି ତମର ମମତା ନାହିଁ । ତମେ ଆଉ କରିବ କଣ, ଏଁ ? କାହିଁଗଲା ଆମର ସେ ମହାଭାରତ ଯୁଗର କଥା । ଆଉ ସେ ଗୀତା, ଭାଗବତ । ପରକୁ ଅନୁସରଣ କରିବାକୁ ଭଗବାନ ଆମକୁ ଦେଲେ ବୁଦ୍ଧି । (ପ୍ରସ୍ଥାନ)

ଶଙ୍କର—ବୁଢ଼ିଆ ପୂଜାରୀଟା କେଡ଼େ କେଡ଼େ ଯୁକ୍ତି କରୁଛି, ଏଁ । (ପ୍ରସ୍ଥାନ)

ଶରଧା—(ପ୍ରବେଶ) ଘରରେ କିଛି ଖାଇ ନ ଥିଲି । ମୁଠେ ଖାଇକରି ଯା’ ବୋଲି ବୋଲି ପଳେଇ ଆସିଲେ । ହଇ ହେ, କୁଆଡ଼େ ଗଲମ ।

ଗୁରୁ—(ଅସୁ ଅସୁ) କୋକେଇ ବୋଉ କି କେ । ହଁ, ହଁ, ଅସୁଛି । ସକାଳଠାରୁ ତ କଜିଆ କରୁଥିଲ, ଆସିଛୁ କୁଆଡ଼େ କହିଲ ?

ଶରଧା—ଘରରୁ ଖାଇନାହିଁ; ଡେରି ହେଲଣି ଚାଲିଲ ଖାଇବ ।

ଗୁରୁ—ମୁଁ ନ ଖାଇଲେ ତୋର କଣ ଗଲା କି ? ହୁଁ—ମୋଠେ ତୋର ପ୍ରେମ ଅଛି । ଆଲୋ ପ୍ରେମ ତ ଅଛି ବୁଥାଟାରେ କଜିଆ କାହିଁକି କରୁଛୁ କହିଲ ?

ଶରଧା—ଚାଲ ଖାଇକରି ଅସିବ ।

ଗୁରୁ—ହଁ, ହଁ, ଜଣା ଗଲାଣି, ଚାଲେ ଚାଲ ଭାତ ବାଢ଼ୁଥା, ମୁଁ ଅସୁଛି ।

Digitized by srujan ka@gmail.com

ଶରଧୀ—ଚଞ୍ଚଳ ଆସ୍ତ । [ପ୍ରସ୍ଥାନ]

ସାରୁ—ଯାଏ, ଫୁଲ ଦ'ଟା ତୋଳି ଆଣି ମୁକ୍ତାଟା କରିଦିଏ ।

(ପ୍ରସ୍ଥାନ)

ଅମିତା—(ପ୍ରବେଶ କରି ଚିନ୍ତିତ ଭାବରେ) ଦେଶର ସେବା କରିବା ହିଁ ଆମର ପ୍ରଧାନ କାର୍ଯ୍ୟ । ବିଶେଷତଃ ଭାଇଙ୍କର ନୀତିହିଁ ମତେ ଗ୍ରହଣ କରିବାକୁ ହେବ । ନିର୍ଯ୍ୟାତିତ ଜନତାର ଉପକାର ସାଧନ ହିଁ ହେବ ଆମମାନଙ୍କର ପ୍ରଧାନ ବ୍ରତ ।

ଇନ୍ଦ୍ରନାଥ— [ପ୍ରବେଶ]

ଅମିତା—[ମଥା ଟେକି ଶୀଘ୍ର ପ୍ରସ୍ଥାନ]

ଇନ୍ଦ୍ରନାଥ—ସ୍ତ୍ରୀ ଲୋକଟିକୁ ଦେଖିଲେ ଶିକ୍ଷିତା ବୋଲି ଧାରଣା ହେଉଛି । କିନ୍ତୁ ମତେ ଦେଖି ଦେଖି ସେ ଗୁଳିଗଲେ କାହିଁକି ? ପୁରୁଷ ଦେଖିଲେ କୋଣରେ ପଶିବା ନୀତି ଆମ ଦେଶ ସ୍ତ୍ରୀମାନଙ୍କର ଆତୁର ଯାଇ ନାହିଁ । ଯେତେ ଶିକ୍ଷିତା ହେଲେ ବି ସେତିକ ଏମାନେ ଛାଡି ପାରିବେ ନାହିଁ । ହଁ, ଛାଡ଼ ସେ କଥା; ଏଇ ତ ସେଇ ମନ୍ଦିର । ଯାଏ ତେବେ, ସ୍ୱଦଜନଙ୍କୁ ନେଇ ଜାଲି ଏଇ ସ୍ଥାନକୁ ଆସିବାକୁ ହେବ ।

(ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ

ସ୍ଥାନ—ମନ୍ଦିର, ଗୁରୁଚରଣ ମୁକ୍ତାରତ

[ନେପଥ୍ୟ] ଗୀତ

ଜୟହିନ୍ଦ୍ ଜୟହିନ୍ଦ୍ ଜୟହିନ୍ଦ୍ ବୋଲି
ଅତୀତର ଅପମାନ ଅଜି ସବୁ ଭୁଲି

Digitized by srujan ka@gmail.com

ଅଛୁଆଁ ହୋଇ କେହି ଜଗତେ
ନ ରହୁ ଏହି ଭାରତ ଧାମେ
ଭୋଗ ଭୁଲି କର ତ୍ୟାଗ ତୁହି ସବୁ ଗୋଲି ରେ ।
ଜନମି ଅଛେ ତ୍ୟାଗ ପାଇଁ
ଭୋଗ ଆମ ଭାଗ୍ୟେ ନାହିଁ
ଏ ଭାବନା ନିଶିଦିନ ମନ ମଧ୍ୟେ ଭାଳ ରେ ।

ଚନ୍ଦ୍ର—[ପ୍ରବେଶ] କିରେ ନନ୍ଦୁ, କଣ ଲାଗିଛୁ । ପୂଜା ହେଲଣି ?

[କଲ୍ୟାଣ ଏବଂ ଅନ୍ୟାନ୍ୟ ହରିଜନ, ଚକ୍ରଣ ଅର୍ଜ୍ଜୁନ ପ୍ରଭୃତି କର୍ମୀଗଣ ଇନ୍ଦ୍ରନାଥ ସହ ପ୍ରବେଶ]

ଚନ୍ଦ୍ର—କିହୋ ଏଣିକି କୁଆଡ଼େ ?

କଲ୍ୟାଣ—ଆମେ ଦେବ ଦର୍ଶନକୁ ଆସିଛୁ ।

ଚନ୍ଦ୍ର—ଏଁ, କଣ କହିଲ, ଦର୍ଶନକୁ ଆସିଛ !

ବିଦ୍ୟାଧର
କଲ୍ୟାଣ } —ଆଜ୍ଞା ହଁ, ଆମେ ସବୁ ଦର୍ଶନକୁ ଆସିଛୁ ।
ଧରାଧର

ଚନ୍ଦ୍ର—[ବିଦ୍ରୂପ କରି] ଆଜ୍ଞା ହଁ ! ଦର୍ଶନକୁ ଆସିଛୁ । କେତେ ସ୍ପଷ୍ଟବାଦୀ ଲୋକ ହୋ ତୁମେ । ତମର ସାତ ପୁରୁଷରୁ କେବେ ଦେବତା ଦର୍ଶନ କରିଥିଲ ନାଁ ।—ଏବେ ଆସିଛ ଦର୍ଶନ କରି ? ଆରେ ଏ ହେଲା ଦେବତା ମନ୍ଦିର, ଜାଣୁ ? ଆଉ ତୁମେମାନେ ହେଲ ଚଣ୍ଡାଳ । ଦେବତା ମନ୍ଦିରରେ ଚଣ୍ଡାଳ ପାଦ ପଡ଼ିଲେ ଦେବତା ତ ଅପବିତ୍ର ହେବେ ନାହିଁ; ଚଣ୍ଡାଳ ଭୋଗିବ ସାତ ଜନ୍ମ ଯାଏ କୁଷ୍ଠରୋଗ ।

ନନ୍ଦୁ—ଆଉ କଣ ହୋ, ଦେବତାର କି ଯାତ ହୋଇ ଯିବ ହୋ, ଯାତ ହେବ ଏଇ ଚଣ୍ଡାଳମାନଙ୍କର ।

Digitized by srujan ka@gmail.com

କଲ୍ୟାଣ—ଆମେ ଦର୍ଶନ କରି ଯାଉଛୁ ।

ଚନ୍ଦ୍ର—ଏଁ କଣ କହିଲୁ ? ଆରେ, ଟିକିଏ ଠେଣିକ ପା’ ଭଲ ।

ବିଦ୍ୟାଧର—ଗୋସେଇଁ ! ତମେ ସବୁ ଚିରକାଳ ଆମକୁ ଘୃଣା କରି ଅଛୁଆଁ କରି ରଖିଥିଲ । ଆମ ମନରେ ସେ କଥା ବଡ଼ ଦୁଃଖ ଦେଉଛି । ଆମକୁ ଏଣେ ଖ୍ରୀଷ୍ଟାନ୍, ତେଣେ ମୁସଲମାନ୍, ସ୍ନେହ ଆଦର କରି ତାଙ୍କ ଧର୍ମରେ ଦୀକ୍ଷା ଦେବାକୁ ଡାକୁଛନ୍ତି । ଆମେ ଚାହିଁଥିଲୁ ଗାନ୍ଧୀଙ୍କ କଥାକୁ । ଏବେ ଗାନ୍ଧୀ ସରକାର ଆଇନ କରି ଦେଲେ । ତାରି ବଳରେ ଆମେ ଦେବତା ଦର୍ଶନ କରିବୁ ।

ଚନ୍ଦ୍ର—[ବ୍ୟଙ୍ଗ କରି] ଅହୋ ହୋ ! ଲାଜ ଲଜ୍ଜା ନାହିଁ କହିଲା ବେଳକୁ । କଂଗ୍ରେସ ସରକାର ଏମାନଙ୍କ ପାଇଁ ଆଇନ କରି ଦେଲେ । ଅରେ ସେ ସବୁ ଖାଲି ବାଜେ କଥା, ଜାଣିଛ । ଆମର ଇଚ୍ଛା ହେଲେ ଆମେ ଅନୁମତି ଦେବୁ ନୋହିଲେ ନାହିଁ ।

କଲ୍ୟାଣ—ଆମକୁ ଟିକିଏ ଅଜ୍ଞା ହେଇ ଯାଉ । ସେ ଅଦ୍ଭୁତ ଆଇନ ହେଲାଣି । ଆପଣ ଆଉ ମନା କରୁଛନ୍ତି କାହିଁକି ?

ଚନ୍ଦ୍ର—ଅରେ ତମ କଂଗ୍ରେସ ସରକାର ଦେବତା ଦର୍ଶନ କରିବାକୁ ସିନା ଆଇନ କରିଦେଲେ । ତମକୁ ସବୁ ବ୍ରାହ୍ମଣ କରିଦେବାକୁ ଆଇନ୍ କରୁନାହାନ୍ତି ?

ଗୁରୁ—ଆଉ କଣ ହେ । ତମକୁ ସବୁ ବ୍ରାହ୍ମଣ କରି ଦେଉନାହାନ୍ତି ? ଆରେ ଅଜାଙ୍କ ଚାଲିଯାଇଥାଅ । ବଜାରରୁ ପଇତା ଗୋଟାଏ ଗୋଟାଏ କିଣି କାନ୍ଧରେ ପକେଇ ଦେଇ ଚାଲିଆସ । ବୁଝିଲ ?

Digitized by srujan ka@gmail.com

ଇନ୍ଦ୍ର—ମହାପ୍ରଭୋ, ନିଜକୁ ଅନେକ ଲଘୁ କଥା କହନ୍ତୁ । ମହାତ୍ମା ଭାରତର ଧର୍ମସ୍ଥାନ କରେଇ ନାହାନ୍ତି । ବରଂ ମିଲ କବଳରୁ ରକ୍ଷା କରିଛନ୍ତି ଭାରତକୁ । ଆପଣ ହାସ୍ୟାସ୍ପଦ କଥା କହୁଛନ୍ତି, ଗାନ୍ଧିଜୀ କେଉଁଦିନ କାଳେ ରାଜା ହେବା କଳ୍ପନା କରନ୍ତି ନାହିଁ ।

ଚନ୍ଦ୍ର—ହଁ, ହଁ, ହେଲା ! ହେଲା ! ନୂଆ ଅଛ କଣ । ଭାରତଟାକୁ ଏକାଥରକେ ଉଦ୍ଧାର ଧରିଛନ୍ତି ? ଏଇ ତ ତାର ପ୍ରଭାବ ଦେଖାଦେଲଣି ।

ପରାଶର—ଗୋସେଇଁ । ଆମକୁ ଦର୍ଶନକୁ ଛାଡ଼ନ୍ତୁ ନା । ଦେଖିବା ଦ୍ୱାରା ଫଳ ଭଲ ହେବ ନାହିଁଟି ?

ଚନ୍ଦ୍ର—କିରେ ଚଣ୍ଡାଳ ! ଭାଗ୍ୟ ତ ଭଲ ଦେଖାଉଛି । ଆରେ ଏ ତ କଳିଯୁଗ ଭିନ୍ନ ଆକାର ଧରିଲା । କାହିଁ ଥିଲା ସେ ଭକ୍ତୋଦ୍ଧାରଆ ଯୁଗ । ଗାନ୍ଧୀ ଯୁଗରେ ଏହା ପ୍ରାପ୍ତ ଥିଲା । "ସବେଁ ହୋଇବେ ଏକାକାର, ନ ଥିବ ବେଦର ବିଚାର ।" ଏଁ, ଏବେ ଗୋମାଂସ ଭୋଜୀ ଚଣ୍ଡାଳ ଆସି କହୁଛି, ଅମେ ଦେବତା ଦର୍ଶନ କରିବୁ । ଅରେ ମୂର୍ଖ, ମୁଁ ଯାଉଛି । ମୋର ଉର୍କିରତ୍ନ, ଭୂଷଣ ତ୍ରିପାଠୀଙ୍କୁ କହିଦେବି । (ପ୍ରସ୍ଥାନ)

ଗୁରୁ—ଦେଖନ୍ତୁ ଆଜ୍ଞା, ଏ ମହାଶୟ ଗଲେଣି ଗାଁରେ ଯୋଉଁଠାଏ ଗୋଳମାଳ ଆରମ୍ଭ ହେବ । ଆପଣ ଟିକିଏ ଦର୍ଶନ କରି ଚାଲିଯାଆନ୍ତୁ ।

ଇନ୍ଦ୍ର—(ଫେରି) ଏମାନେ ନ ଗଲେ ମୁଁ ଯିବି ନାହିଁ ।

କଲ୍ୟାଣ—ଚାଲନ୍ତୁ ଆଜ୍ଞା, ଭଗବାନଙ୍କର ଇଚ୍ଛା ହେଲେ କାଲି ଦଳେ ଦର୍ଶନ ଦେବେ ।

Digitized by srujan ka@gmail.com

ଚନ୍ଦ୍ର—କିହୋ ! ତୁମେ ପରା ନେତା । ବୋଧେ ଜ୍ଞାନ ଟିକେ ମଧ୍ୟ ହଜେଇ ବସିଲ କିହୋ । ହଁ, ହଁ, ସେ ଜ୍ଞାନ ଟିକ ଆସିବ କୁଆଡ଼ୁ ? ଶରୀରରେ ବ୍ରାହ୍ମଣ ରକ୍ତ ଟୋପାଏ ଥିଲେ ତ ? ଲଜ୍ଜା ଲାଗୁନାହିଁ । ଆହୁରି କହୁଛ ଅମେ ବଦ୍ୟାବନ୍ତ । ବ୍ରାହ୍ମଣ ନ ହେଲ ବୋଲି କଉଣି ପୁଅ ତ ହୋଇଥିବ । ହାଡ଼ିପାଣ ଗୁଡ଼ାଏ ଧରି ଦେଉଳ ଦୁଆରକୁ ଆସିଛ ଯାହା ।

ଗୁରୁ—ଆଜ୍ଞା, ମୁଁ କହୁଛି ଜ୍ଞାନରେ ନ ହେଲେ ବି ବୟସରେ ତ ବଡ଼ । ଆପଣ ଅସିଛନ୍ତି, ଆସନ୍ତୁ ଗୋପୀନାଥଙ୍କୁ ଦର୍ଶନ କରିବେ । ଭୋଗରେ ଲଗିବ ଗୁରୁପଇସା ଦକ୍ଷିଣା । ବୁଝିଲେ, ଅଜ୍ଞ ଏମାନଙ୍କୁ ବଦାୟ କରିଦଅନ୍ତୁ । ଆସନ୍ତୁ ଟିକିଏ ଦେଉଳ ଭିତରକୁ ।

ଚନ୍ଦ୍ର—କିରେ ଗୁରୁ । ତୋର ମଧ୍ୟ କଣ ଚିତ୍ତ ଭ୍ରମ ରୋଗ ହେଲା ନା କଣ । ହାଡ଼ି ଛୁଆଁରେ ପିବେ ଦେଉଳ ଭିତରକୁ ।

ଇନ୍ଦ୍ର—ଆପଣ ଜାଣନ୍ତି, ରାମଚନ୍ଦ୍ର ଶବରୀ ହାତରୁ ଉଚ୍ଛିଷ୍ଟ ବଦାମ ଖାଇଥିଲେ । ଆପଣମାନେ କେବଳ ଏଇ ଛୁଆଁ ଅଛୁଆଁ ଧରି ନିଜେ ହିଁ ଅଛୁଆଁ ହୋଇ ରହିଯାଉଛନ୍ତି ।

ଚନ୍ଦ୍ର—ଆହା ହା ! କି ଧର୍ମଜ୍ଞାନ ! ରାମଙ୍କର ଉଦାହରଣ ଦିଆଯାଉଛି । ରାମ ଆଉ ଏ । ଅରେ ଏ ହାଡ଼ି ପାଣ ଦଳ ଯାଅ ଏଠୁ ।

ଇନ୍ଦ୍ର—ଜାଣନ୍ତି ମହାଶୟେ । ମହାତ୍ମା ଗାନ୍ଧୀ କଣ କହୁଛନ୍ତି ।

ଚନ୍ଦ୍ର—ଆହା ହା ! ଗାନ୍ଧୀ ତ ଗୋଟାଏ ମହାତ୍ମା ହୋଇଗଲା । ଅଜ୍ଞ କଣ କି ? ଅରେ ବଣିଅପୁଅ ବେପାର କରୁଥାନ୍ତା କଣ ଧର୍ମ କଥା କୁଆଡେ ଗଲା । ଏଠି ମହାତ୍ମା ବନେଇ ବସିଛନ୍ତି, କହୁଛନ୍ତି ଭାରତର ରାଜା ହେବ । ରାଜ୍ୟଟାକୁ, ଆମର ଏ ସନାତନ ଧର୍ମକୁ ଛାରଖାର କରିଦେଲା

Digitized by srujan ka@gmail.com

ଇନ୍ଦ୍ର—ମହାଶୟେ, ନିଜକୁ ସଂଯତ କରି କଥା କହନ୍ତୁ । ମହାତ୍ମା ଭାରତର ଧର୍ମହାନି କରେଇ ନାହାନ୍ତି । ବିଧର୍ମୀର କବଳରୁ ରକ୍ଷା କରିଛନ୍ତି ଭାରତକୁ । ଆପଣ ହାସ୍ୟାସ୍ପଦ କଥା କହୁଛନ୍ତି, ଗାନ୍ଧିଜୀ କୌଣସି କାଳେ ରାଜା ହେବା କଳ୍ପନା କରନ୍ତି ନାହିଁ ।

ଚନ୍ଦ୍ର—ହିଁ, ହିଁ, ହେଲା ! ହେଲା ! ନୂଆ ଅଜବ କଥା । ଭାରତଟାକୁ ଏକାଥରକେ ଉଦ୍ଧାର କରିଛନ୍ତି ? ଏଇ ତ ତାର ପ୍ରଭାବ ଦେଖାଦେଲାଣି ।

ପରାଶର—ଗୋସେଇଁ । ଆମକୁ ଦର୍ଶନକୁ ଛାଡ଼ନ୍ତୁ ନା । ଦେଖିବ ପୂଜାର ଫଳ ଭଲ ହେବ ନାହିଁଟି ?

ଚନ୍ଦ୍ର—କିରେ ଚଣ୍ଡାଳ ! ଭାରି ତ ଭୟ ଦେଖାଉଛୁ । ଆରେ ଏ ତ କଳିଯୁଗ ଭିନ୍ନ ଆକାର ଧରିଲା । କାହିଁ ଗଲା ସେ ଭକ୍ତୋଦ୍ଧାରଣ ଯୁଗ । ଗାନ୍ଧୀ ଯୁଗରେ ଏମିତି ପ୍ରାପ୍ତି ଥିଲା । "ସର୍ବେ ହୋଇବେ ଏକାକାର, ନ ଥିବ ବେଦର ବିଚାର ।" ଏଁ, ଏବେ ଗୋମାଂସ ଭୋଜୀ ଚଣ୍ଡାଳ ଆସି କହୁଛନ୍ତି, ଆମେ ଦେବତା ଦର୍ଶନ କରିବୁ । ଅରେ ପୂଜାରୀ, ମୁଁ ଯାଉଛି । ମୋର ଜର୍ଜର, ଲକ୍ଷଣ ମହାପାତ୍ରଙ୍କୁ କହିଦେବୁ । (ପ୍ରସ୍ଥାନ)

ପୂଜାରୀ—ଦେଖନ୍ତୁ ଆଜ୍ଞା, ଏ ମହାଶୟ ଗଲେଣି ଗାଁରେ ଟୋକାଏ ଗୋଳମାଳ ଆରମ୍ଭ ହେବ । ଆପଣ ଟିକିଏ ଦର୍ଶନ କରି ଚାଲିଯାଆନ୍ତୁ ।

ଇନ୍ଦ୍ର—(ଫେରି) ଏମାନେ ନ ଗଲେ ମୁଁ ଯିବି ନାହିଁ ।

କଲ୍ୟାଣ—ଚାଲନ୍ତୁ ଆଜ୍ଞା, ଭଗବାନଙ୍କର ଇଚ୍ଛା ହେଲେ କାଲି ବଳେ ଦର୍ଶନ ଦେବେ ।

Digitized by srujan ka@gmail.com

ଇନ୍ଦ୍ର—ଅର୍ଜ୍ଜୁନ, କିରଣ ତୁମେ ସବୁ ଯାଇ ଗାଁରେ ଘୋଷଣା ସଭା କରିବା ଆୟୋଜନ କର, ମୁଁ ପଛରେ ଯାଉଛି । କହ, ଜୟ ଭାରତର ଜୟ ।

ସମସ୍ତେ—ଜୟ ଭାରତର ଜୟ । ଜୟ ତ୍ରିରଙ୍ଗ ପତାକାର ଜୟ ।

(ପ୍ରସ୍ଥାନ)

ଗୁରୁ—ଆସନ୍ତୁ ଅଜ୍ଞା, ଡେରି ହେଲାଣି, ସେଆଡ଼େ ଲୋକେଇ ବୋଉ ଅନେଇ ରହିଥିବ । ବୁଝିଲେ, ଆମ ଶରଦା, ଅଜ୍ଞା ବାହାରେ ମୁହିଁ ଦ୍ୱିଗୁଣ ଭିତରେ ଭିତରେ ଭାରି ସ୍ନେହ । ଭାତ ବାଢ଼ିଦେଇ ବସିଥିବ ।

ଇନ୍ଦ୍ର—ଆପଣ ଯାଆନ୍ତୁ । ଆପଣଙ୍କର ମନ୍ଦିରଦ୍ୱାର ବନ୍ଦ କରି ଦିଅନ୍ତୁ, ମୁଁ ଏହି ପବିତ୍ର ସ୍ଥାନରେ ଟିକିଏ ବିଶ୍ରାମ ନେଇ ପରେ ଯିବି ।

ଗୁରୁ—(ମୁଖ ଭଙ୍ଗୀ କରି) ସହଜଲୋକ ନୁହେ । ସହଜଲୋକ ନୁହେ । (ପ୍ରସ୍ଥାନ)

ଇନ୍ଦ୍ର—କଣ କରିବି । କାହାର ସହାୟତା ମାଗିବି । ଜଣେ ବିଦ୍ୱାନ ବ୍ରାହ୍ମଣ ଯେ କି ଭଗବାନ କ'ଣ ଜାଣେ, ସେ କହୁଛି ମନ୍ଦିରରେ ଅଛନ୍ତି ଦେବତା !

ଅମିତା—(ପ୍ରବେଶ)--(ପୁଣି ପ୍ରସ୍ଥାନ ଉଦ୍ୟତ)

ଇନ୍ଦ୍ର—ଆପଣ କଣ ଏଇ ମନ୍ଦିର ଭିତରେ ରହନ୍ତି ?

ଅମିତା—ଆପଣ କଣ—

ଇନ୍ଦ୍ର—ମୁଁ ଜଣେ କଂଗ୍ରେସ କର୍ମୀ ।

ଅମିତା—ଆପଣଙ୍କର ନାମ ?

ଇନ୍ଦ୍ର—ଧନ୍ୟବାଦ, ଓଡ଼ିଆ ଝିଅର ଅନ୍ତତଃ ଏତିକି ସାହସ ହେଲାଣି ଯେ ସେ କୌଣସି ଅପରିଚିତ ଲୋକଙ୍କୁ ନାମ ପଚାରି ପାରିବ ।

Digitized by srujan ka@gmail.com

ନେଇଥିବେ ଓଡ଼ିଆ ଦେଶର ଲୋକ ତ ନାମ ଉପରେ ଜୋର ଦେଇ ନ ଥାନ୍ତି । ନାମ ମୋର ଇନ୍ଦ୍ରନାଥ । ଆପଣ ତ ନିଜ ପରିଚୟ ଦେଲେ ନାହିଁ ।

ଅମିତା—ଅମୂଲ୍ୟ ବାବୁଙ୍କୁ ଆପଣ ଜାଣନ୍ତି ବୋଧହୁଏ, ତାଙ୍କର ଭଉଣୀ ମୁଁ, ମୋ ନାଁ ଅମିତା ।

ଇନ୍ଦ୍ର—ତାହାହେଲେ ଆପଣ ଜଣେ କର୍ମୀ ।

ଅମିତା—ଆମେ ତ ଆଜି ଆପଣମାନଙ୍କ ପରି ଅଧିକାର ଆସନରେ ବସି ନାହୁଁ ।

ଇନ୍ଦ୍ର—ସେଇ ଅଧିକାର ମୋହ ହିଁ ସେବାକାର୍ଯ୍ୟରେ ଅନ୍ତରାୟ ଆଣି ଦେଉଛି । ଛାଡ଼ନ୍ତୁ ସେ କଥା, ବର୍ତ୍ତମାନ ହରିଜନଙ୍କ ମନ୍ଦିର ପ୍ରବେଶ ସମ୍ବନ୍ଧରେ ଆପଣ ମୋତେ କେତେଦୂର ସହାୟତା କରିବେ କହନ୍ତୁ ତ ।

ଅମିତା—ଆପଣଙ୍କୁ ମୁଁ ଗୋଟାଏ ତୃଣ କଣା ସାହାଯ୍ୟ କରି ପାରିବ ।

ଇନ୍ଦ୍ର—ଆମମାନଙ୍କର ଗୋଷ୍ଠୀ ଭିନ୍ନ ହେଲେ ସୁଦ୍ଧା ଦେଶ ସେବା ତ ଏକମାତ୍ର ଲକ୍ଷ୍ୟ । ସେ ସମ୍ବନ୍ଧରେ ଅନ୍ତତଃ ଆପଣମାନେ ଆମ ସହିତ ଆନ୍ତରିକତା ରଖିବା ଉଚିତ । ଆଚ୍ଛା, ଆପଣ ଆମମାନଙ୍କୁ କଣ ବୋଲି ଭାବନ୍ତି ।

ଅମିତା—(ନତମୁଖରେ) ଆପଣମାନଙ୍କୁ ଆମେ ଅତ୍ୟନ୍ତ କ୍ଷମତା ପ୍ରିୟ ଲୋକ ବୋଲି ମନେକରୁ ।

ଇନ୍ଦ୍ର—[ହସି] ତାହାହେଲେ ତ ଏକାନ୍ତ ଅନ୍ୟାୟ ଧାରଣା କରିଛନ୍ତି । ବର୍ତ୍ତମାନ ଦେଶର ଏଇ ଭୀଷଣ ପରିସ୍ଥିତି ବେଳେ ଆପଣମାନେ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଯଦି ବିଭ୍ରାଟ ଘଟାନ୍ତି ତେବେ ତ କୌଣସି କାର୍ଯ୍ୟ ସମ୍ଭବପର ହୋଇ ପାରିବ ନାହିଁ ।

Digitized by srujan ka@gmail.com

ଅମିତା—ଆପଣମାନେ ସୁଯୋଗ ଦେଖି ବନ୍ଧୁଙ୍କୁ ଅନ୍ତର କରିଦେଇ ପାରନ୍ତି । ସେଥିପାଇଁ ମୁଁ ଅପଣମାନଙ୍କୁ ବନ୍ଧୁଦ୍ରୋହୀ ବୋଲି କହେ ।

ଇନ୍ଦୁ—ଆମେ ତ ବନ୍ଧୁଦ୍ରୋହୀ ନୋହୁ । ଯେଉଁମାନେ ଆମକୁ ତାହା କହନ୍ତି ସେମାନେ କେବଳ ବନ୍ଧୁଦ୍ରୋହୀ ନୁହନ୍ତି, ଦେଶ ଦ୍ରୋହୀ ମଧ୍ୟ । କୌଣସି ବନ୍ଧୁ ଯଦି ଆମ ବନ୍ଧୁତ୍ୱର ମର୍ଯ୍ୟାଦା ନ ରଖେ ସେଥିପାଇଁ କରାଯିବ କଣ ? ହଁ—ଛାଡନ୍ତୁ ସେ କଥା । ହରିଜନଙ୍କ କଥା କଣ କରାଯିବ କହନ୍ତୁ । ବର୍ତ୍ତମାନ ଯେ କୌଣସି ମତରେ 'ଗଠନମୂଳକ ସମାଲୋଚନା କରିବା ଉଚିତ ।

ଅମିତା—ମୁଁ ତ ଭାବୁଛି, ଏପଣି ସେମାନଙ୍କର ମନ୍ଦିର ପ୍ରବେଶ କରିବାର କୌଣସି ଆବଶ୍ୟକତା ନାହିଁ । ପ୍ରଥମେ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆଣି ଦିଅନ୍ତୁ, ପରେ ସେମାନଙ୍କର ମନ୍ଦିର ପ୍ରବେଶ କଥା ଚିନ୍ତା କରିବେ ।

ଇନ୍ଦୁ—ମୁଁ କହୁଛି ପ୍ରଥମେ ସେମାନେ ଆମ ସହିତ ମିଳାମିଶା କରି ଆମର ପରି ସଦାଚାରୀ ହୋଇ ଯାଆନ୍ତୁ । ପରେ ଆପେ ଆପେ ଆର୍ଥିକ ସ୍ୱଚ୍ଛଳତା ଆସିଯିବ ।

ଅମିତା—ଆପଣମାନେ ଖାଇ ପିନ୍ଧି ସୁଖୀ ସ୍ୱଚ୍ଛନ୍ଦରେ ରାଜପାଦାରେ ବସିଥାନ୍ତି । ଆଉ ସେ ବିଚରା ଗୁଡ଼ିକ ପଶୁ ପକ୍ଷୀଠୁଁ ଅଧିକ ହୀନ ହୋଇ ପଡ଼ିଥାନ୍ତି, ସେଇ ଦୁର୍ଗନ୍ଧ ମୟ ରାଜ୍ୟରେ । ଆପଣ-ମାନେ ସମୟେ ସମୟେ ସାମାନ୍ୟ ଅନୁଗ୍ରହ ଦେଖାଇ, ଦେଉଳ ଦୁଆରେ ସେମାନଙ୍କୁ ଠିଆ କରେଇ ଦେଲେ, ସେଥିରେ ସେମାନଙ୍କର ଲାଭ କଣ ହେବ କହନ୍ତୁ ତ ?

Digitized by srujan ka@gmail.com

ଇନ୍ଦ୍ର—ଆପଣ ଭୁଲ ବୁଝୁଛନ୍ତି । ଆପଣ ଯେଉଁ ଜନସଂଘଙ୍କୁ ଅନୁଗ୍ରହ
ବୋଲି କହୁଛନ୍ତି ତାହା ଅନୁଗ୍ରହ ନୁହେଁ, ଆଦର । ଆମେ ଗୃହକୁ
ସେମାନଙ୍କୁ ଆମ ସହିତ ମିଳାମିଶି ସକଳ ପ୍ରକାର ଗୃହକାର୍ଯ୍ୟରେ
ସ୍ଥାନ ପାଇବେ, ସୁସ୍ଥ ହେବେ, ଶିକ୍ଷିତ ହେବେ । ତାହା ନ କରି
ଯଦି କେବଳ ତାଙ୍କର ଟଙ୍କା ପଇସା ଦରମା ଦେଖାଯାଏ,
ତେବେ ସେମାନେ ତାଙ୍କର ସେହି ଚିରକାଳର ଅଭ୍ୟାସ
ବଳରେ ପଇସାତକ ମଦ ଭାଟିରେ ଢାଳିଦେଇ ଆସିବେ ।
ଶୋଚନୀୟ ଦଶା ଘୁଞ୍ଚିବ ନାହିଁ କୌଣସି କାଳେ ।

ଅମିତା—ଆମେ ବି ସୁଯୁକ୍ତ କରିପାରୁ ଠିକ୍ ଆପଣଙ୍କ ପରି । ସେମାନେ
ଯେଉଁଦିନ ଖାଇ ପିଇ ରହିବେ ବୋଲି ବଳେ ଠିକ ସେଇ
ମନୋଭାବ କାଳକ୍ରମେ ହୋଇଯିବ ଯେ ।

ଇନ୍ଦ୍ର—ସେବକ ଆମେ, ସେବା କରିବା ଉଦ୍ଦେଶ୍ୟରେ କଥା କହୁ,
ଆପଣମାନେ ହେଲେ ତାର୍କିକ, ତର୍କ କରି ଦେଶକୁ ନେବେ
ଧ୍ୱଂସ ପଥରେ, କାହିଁ କରି ଆମ ମୁଣ୍ଡ ଘୁରିଯାଏ; ତେଣୁ ଦୁଃଖ
ତର୍କ କରିବାକୁ ଆମେ ସମୟ ପାଉ ନା ।

ଅମିତା—ଆପଣ ଗାଳିଦେବା ଆରମ୍ଭ କଲେଣି ।

ଇନ୍ଦ୍ର—ଗାଳି ଦେଇ ସ୍ୱାଧୀନ ଦଳର ଶକ୍ତି ହ୍ରାସ କରି ଦେବାକୁ
ମନ ଆସିଛି ?

ଅମିତା—ହ୍ରାସ ବୃଦ୍ଧିର ମାପକାଠି ଆପଣ ରଖିଛନ୍ତି ନା କଣ ?

ଇନ୍ଦ୍ର—ଆଚ୍ଛା ରହନ୍ତୁ, ଯାହା ଆଲୋଚନା ହୋଇ ଯାଉଛି କଳିଆ
ବୋଲି ମନେ କରିବେ ନାହିଁ । କଥାରେ କଳିଆ ଘଟିଯିବ
ବୋଲି ଭୟ ହେଉଛି । ଆପଣ ବୋଧହୁଏ ଦେବତା ଦର୍ଶନ
ଉଦ୍ଦେଶ୍ୟରେ ବରଦର ଏଠିକି ଆସନ୍ତି, ତାହାହେଲେ ଦେଖା
ହେବ ନିଶ୍ଚୟ । ନମସ୍ତେ ।

ଅମିତା—ନମସ୍ତେ । [ଧୀରେ ଧୀରେ ବଗରେ ପ୍ରସ୍ଥାନ]

Digitized by srujan ka@gmail.com

ଚତୁର୍ଥ ଦୃଶ୍ୟ

ସ୍ଥାନ—ଦାଉ କିଶୋରଙ୍କ ଘର

ଦାଉ— [ପ୍ରବେଶ] କଣ କରିବି, ଏଣେ କଂଗ୍ରେସ ମାନ୍ତ୍ରୀଙ୍କ ହାତରେ ଟଙ୍କା ଚନ୍ଦା, ତେଣେ ମିଲ୍ ବନ୍ଦ କରିବା ସୂଚନା ଦେଖା ଗଲାଣି । କଟେ କଣ, କାହାକୁ କହିବି, ଆଗେ ଟଙ୍କା ରଖି କରିବି କଣ, ଏଣେ ତାଲ୍ଲାଉ ପଡ଼ୁଛନ୍ତି ଜମିଦାରୀ ପ୍ରଥା ଧ୍ୱଂସ ହେଉ, ପୁଞ୍ଜିବାଦ ଲୋପ ହେଉ, ସେଥିରେ ମୋର ଯାଏ ଆସେ କଣ । କୁଞ୍ଜ ବାବୁ କରନ୍ତି ପାନ ଦୋକାନ, ଉପାର୍ଜନ ତାର ଦୈନିକ ଦୁଇଟଙ୍କା, ଖାଇ ପିଇ ସୁଖରେ ଶୋଉଛନ୍ତି ସେ, ପାହାନ୍ତିଆରୁ ଉଠି ଗାଉଛନ୍ତି ଭଜନ । ମୁଁ କରୁଛି ଦିନରାତି ଚିନ୍ତା, କୋଉଠୁ ଟଙ୍କା ଆସିଲା, କୋଉଠୁ ଧାନ ଆସିଲା, କେତେ ଟଙ୍କା ଜମା ରହିଲା । ମୋର ଏଥିରେ ଦରକାର କଣ ।

ନୁଲୁ—(ପ୍ରବେଶ) ନମସ୍କାର ଭାଇନା । [ପଛକୁ ଚାହିଁ] ଆସେ, ନୋକେଇ ବୋଉ ଆସିଛନ୍ତି ଯେ ।

ଶରଦୀ—[ପ୍ରବେଶ କରି] ନାଣୀ ଥିଲା ଦିନେ ସିନା ଜଞ୍ଜାଳ କରି ତାଠୁ ମାଗି ନେଉଥିଲି, ନୋକେଇ ମୋର ବ୍ରତ ହବ । ତମର ସାହାଯ୍ୟ ନ ହେଲେ କିଛି ହୋଇ ପାରିବ ନାହିଁ । ଏ ତ ଘରର କୋଉ କଥା ଦେଖୁ ନାହାନ୍ତି । ରଧା ପଣ୍ଡିତ କର୍ମ କରିବେ, ସାଟ ଯୋଡ଼ାଟିଏ ଦରକାର ।

ଗୁରୁ—ହେଉ ହେଉ, ପରେ ସେ ସବୁ ଦେଖିବା; ଆଗେ ଭିତରକୁ ଯା ।'

Digitized by srujan ka@gmail.com

ଶିରଧି—ହଁ ଯାଉଛି ଯେ ତମେ ଆଉ ସେ ହାଡ଼ ପାଣି ଗୁଡ଼ାକୁ ଦେଉଳରେ ପୂରେଇବ ନାହିଁ । [ପ୍ରସ୍ଥାନ]

ଗୀର—ବୁଝିଲ ପଣ୍ଡେ, ମୁଁ ମଧ୍ୟ ଗୋଟାଏ ସିଦ୍ଧାନ୍ତରେ ପହଞ୍ଚି ସାରିଛି ।

ମିଛୁ—କଣ ଆଉ କେତେହଜାର ଟଙ୍କା ଦ୍ୟାଙ୍କରେ ରଖିବା କଥାରେ ନା ?

ଗୀର—ନାଁ ହେ, ସେ ଟଙ୍କା ରଖିବା ଆଶା ଗଲାଣି । ଭାବୁଛି, ଲଳିତାକୁ ସେଇ ଅନ୍ନପୂର୍ଣ୍ଣ ବାବୁଙ୍କ ସାଙ୍ଗରେ ବିବାହ କରେଇ ଦେଇ ନିଶ୍ଚିନ୍ତ ହୋଇ ଯିବି । ଆଉ ଯନ୍ତ୍ରଣା ଶୁଣି ପାରିବି ନାହିଁ । ଦୟାକରି ତମେ ଟିକିଏ ବନ୍ଦୋବସ୍ତ ଯଦି କରି ଦିଅନ୍ତ ।

ମିଛୁ—ତାଙ୍କ ମା'ଙ୍କୁ କହିଲେ ସବୁ ହୋଇ ଯିବ ଯେ, ପୁଞ୍ଜିବାଦୀ ହେବାକୁ ସେ ନିଜେ ହଁ କରିବେ କି ନାହିଁ—।

ଗୀର—ପୁଞ୍ଜିବାଦୀ କଣ ? ତାଙ୍କ ଇଚ୍ଛାହେଲେ, ମଜୁରିଆଙ୍କୁ ସୁବିଧା ଦେଇ ଭାତେ ଆଣନ୍ତୁ, ମୋର କ'ଣ ଯାଏ । ମୋର ତ ସେଇ ଗୋଟାକ ଝିଅ, ବଞ୍ଚିଥିବାଯାକ ଖାଇବା ପିନ୍ଧିବାକୁ ମୋର ତ ଅଭାବ ହେବ ନାହିଁ, ମୁଁ ଏକାଥରକେ ବଦଳି ଯାଇଛି । ବୁଝିଲେ ପଣ୍ଡେ ।

ଅନ୍ନପୂର୍ଣ୍ଣ—ନମସ୍କାର ଅଜ୍ଞା ! ବିନା ଅନୁମତିରେ ଚାଲି ଆସିଛି, କ୍ଷମା କରିବେ । ଆପଣଙ୍କର ଲୋକ ଯାଇଥିଲା ।

ମିଛୁ—"ଏ ମନେ ଭାବୁଥାଏ ଯାହା—କାଳେ ପ୍ରାପତ ହୁଏ ତାହା ।"

ଅନ୍ନପୂର୍ଣ୍ଣ—ଆପଣ ଏଠି ଅଛନ୍ତି । କ୍ଷମା କରିବେ, ଦେଖି ନ ଥିଲି । ନମସ୍କାର ।

ମିଛୁ—ସବୁଙ୍କର କୁଅଁର ହେବ, ଆମେ ହେବୁ ତୁମର ମଳୟା ସ୍ୱଶୁର ।

Digitized by srujan ka@gmail.com

ବୀର—ବାପ୍ ବାପା, ଯାଙ୍କ କଥା ଶୁଣ ନାହିଁ, ମୁଁ କଥାଟା କଣ କି
ଚାଳକାଳର ଯନ୍ତ୍ରର ଲୋକ ଧର୍ମଘଟ କରିବେ ବୋଲି କାଗଜ
ପଟେଇ ଦେଇଛନ୍ତି ଯେ, ମୁଁ କଣ କରିବ କହିଲ, ତୁମେ
ଠିକଏ ସମାଧାନ କରେଇ ଦିଅନ୍ତ ହେଲେ, ଅନ୍ତତଃ ଆଜି
ଚୋଟାଏ ଭଲ ଖବର—

ନୁଲୁ—ବୁଝିଲ ମୁର୍ଖ, ଭବ ଶ୍ଵଶୁର ତ ହେବେ, କିନ୍ତୁ କଥାଟା
କାହିଁକି ଭବଟାକୁ ପ୍ରକାଶ କରି ପାରୁ ନାହାନ୍ତି ।

ବୀର—ପ୍ରକାଶ କାହିଁକି କରି ପାରିବ ନାହିଁ ହେ, ମୁଁ ତ ଏକାଥରକେ
ଚୋଟାଏ ସିଦ୍ଧାନ୍ତରେ ପହଞ୍ଚି ଗଲିଣି, ଦେଶରେ ଯେତେ
ପ୍ରକାର ସଂଘର୍ଷ ଚାଲିଛି, ସବୁ ଏଇ ଅର୍ଥନୈତିକ ଅବସ୍ଥାକୁ
ନେଇ ତ । ବୁଝିଲ, ଅଟମ ତ ଆଉ ଟଙ୍କା ପଇସା ଖାଉ
ନାହୁଁ । ଭାତ ଡାଲି ହେଲେ ମଧ୍ୟ ଆମର ଚଳୁଛି ।

ନୁଲୁ—ହଁ, ଆପଣ ସିଧା ପ୍ରଥମେ ପାଣି ପିଇ ପଇସା ରଖି ନ ଥାନ୍ତେ,
ଦେଶର ଜଣେ ବଡ଼ ଧନୀ ହୋଇ ବସିଥାନ୍ତେ କେଉଁଠି ?

ବୀର—ନା, ନା, ନା ସେ କଥା ଆଉ କହ ନାହିଁ । ଧନ ରଖିବା
ଅନନ୍ଦ ଯେମିତ ଗଲାଣି । ଆଗରେ ଧନ ଥିଲା ବୋଲି ତ ସେ ପାରୁ
ସେ ହାତ ଧାଡ଼ ଦେଲେ ପାଉଁ ହେଉ, ତଳ ହେଉ ପଡ଼େଇ
ଦେଉଥିଲି । ଲୋକଙ୍କୁ ବିଶ୍ଵାସ ନାହିଁ; ବୁଝିଲ, ମୋଠୁଁ ଧାଇ
ମଡ଼ଉ ଦେବେ ନାହା, ପଶୁଂଶ ହୋଲାଣି ଆଉ କେତେ କାଳ
ଦାଶିବ ଯେ, କାହିଁକି ଏଥିରେ ସାନ୍ତି ହେବ ?

ନୁଲୁ—ଅପୂର୍ବ ବାବୁ ଆଉ କାହା ପାଖକୁ ଯାଇ ଚୂନା ଦିଅ ବୋଲି
ହାତ ପାତିବାକୁ ପଡ଼ିବ ନାହିଁ ।

ଧର୍ଣ୍ଣର— [ବାହାକୁ] ଅପୂର୍ବ ବାବୁ ଏଠି ଅଛନ୍ତି ?

ନୁଲୁ—ଅଛନ୍ତି ଅଛନ୍ତି, ଆସ ।

Digitized by srujan ka@gmail.com

ଶଙ୍କର—[ପ୍ରବେଶ] ତେଣେ ଲୋକ ଜମା ହୋଇ ଗଲେଣି, ଅସ୍ତ ଯିବା, ଆଜ ବହୁତ ଗ୍ରାମର ଲୋକ ଆସିଛନ୍ତି ।

ଗୁରୁ—କି କଥା ହେ, କ'ଣ ନାହିଁ, ବାଉଁଶ ନାହିଁ; ଦୁଃଖ ନାହିଁ, ସୁଖ ନାହିଁ, ଘରୁବେଳେ ଯଜ୍ଞ । ଯଜ୍ଞ କଲେ କଣ ଦୁଃଖ ଛାଡ଼ି ଯାଉଛି କି ହେ ?

ଅପୂର୍ଣ୍ଣ—ଆଚ୍ଛା ନମସ୍କାର, ମୁଁ ଯାଉଛି ପରେ ଆସିବ ।

ଗୁରୁ—ନିଶ୍ଚୟ ଆସିବ, ନ ଆସି ଯିବ କୁଆଡ଼େ । ଆଣିବା ଭାର ମୋ ଉପରେ ରହିଲା । ଆପଣ କିଛି ବ୍ୟସ୍ତ ହେବେ ନାହିଁ ।

ଅପୂର୍ଣ୍ଣ—ଆସନ୍ତୁ ! ନମସ୍କାର । [ପ୍ରସ୍ଥାନ]

ଶଙ୍କର—ନମସ୍କାର । [ପ୍ରସ୍ଥାନ]

ଗୁରୁ—ଦଳ ଗୋଟିକଯାକ ଏଠି ବସି ମହା ନିଶ୍ଚିନ୍ତରେ ଖାଉଛନ୍ତି ।

ବୀର—ଖାଆନ୍ତୁ ବା ଯାହା କରନ୍ତୁ, ଏ ଧର୍ମଘଟରେ ଜ୍ୱାଲାରୁ ଆଗେ ରକ୍ଷା ପାଇବ । ଲଳିତାର ମାଉସୀ ତ ଆସିଛନ୍ତି, କେତେଟା ଦିନ ଏଠି ରହି ଯାଆନ୍ତୁ, ନିର୍ବନ୍ଧ ଘରଟା କରେଇ ଦେବା ।

ଲଳିତା— [ଭିତରୁ] ଘରକୁ ଆସ ମଉସା ।

ବୀର—ମାଉସୀ ମଉସାଙ୍କୁ ନ ଦେଖିଲେ ରହି ପାରୁ ନ ଥିବେ । ହଁ ହଁ ଭିତରକୁ ଯାଅ । ମୁଁ ଯାଉଛି ମୋର ଯାହା ଅଛି ତାର ଗୋଟିଏ ତାଲିକା କରି ଦେବ । [ପ୍ରସ୍ଥାନ]

Digitized by srujan ka@gmail.com

ପଞ୍ଚମ ଦୃଶ୍ୟ

ସ୍ଥାନ—ଗ୍ରାମ ଉପକଣ୍ଠ

ଇନ୍ଦ୍ରନାଥ ସଙ୍ଗ ନେପଥ୍ୟେ—ଗୀତ

ଗଢିବା ଜାତି   ବଢିବ ଶକ୍ତି
ହୋଇରେ ଆମେ ଏକା
ଆସିଛେ ଏକା   ଯିବାରେ ଏକା
କେ ନୁହେଁ କାହା ସଖା ।
ଲୋଭୀ ଶୋଷୀଙ୍କୁ   ଦୁଃଖି ରଙ୍କିଙ୍କୁ
ନ ଦିଅ କେହି ଧକା
ଠକା ପେଣ୍ଡକ   ନିତି ଗୃହିଁକି
ନ କର ଲେଖା ଯୋଖା ।
ନାରୀ ଭୂମିରେ   ନାରାୟଣରେ
ଏକଥା ଅଛି ଲେଖା ।
ମରଣ ମୁଖେ   ଦିଅରେ ମୁଠେ
ହୋଇବ କଥରଖା,
ଭାବୁ ଭାବୁ ତ   ଘଟିଲେ ମୃତ୍ୟୁ
ସବେ କିଣାବିକା ।

[ଇନ୍ଦ୍ରନାଥ, ଅନ୍ୟାନ୍ୟ କର୍ମୀଗଣ ସ୍ଲୋଗାନ ଗାଇ ପ୍ରବେଶ । ଅଗନ୍ତୁକଗଣଙ୍କ ପ୍ରବେଶ—ଉପବେଶନ]

ଇନ୍ଦ୍ରନାଥ—ଭାଇମାନେ ! ଆଜି ଆପଣମାନଙ୍କୁ ମୋର ବିଶେଷ କିଛି କହିବାର କଥା ନାହିଁ, ତୁମମାନଙ୍କ ନିକଟରେ ମୋର ଏକାନ୍ତ ଅନୁରୋଧ, ଆମଦେଶର ଏହି ଯେଉଁ ଅଧଃପତିତ

Digitized by srujan ka@gmail.com

ଜାତ, ଅର୍ଥାତ ହରିଜନମାନଙ୍କୁ ଅପଣମାନେ ସହାୟତା ଦେବେ ।

ଇତଣେ କୃଷକ—ଅଜ୍ଞା, ଏ ହାଡ଼ ପାଣମାନଙ୍କୁ ଦେଉଳକୁ ନେଲେ କି ଉପକାର ହେବ ଯେ ଗାନ୍ଧୀ ମହାତ୍ମା ଏଥିରେ ଲଗିଛନ୍ତି ?

ଇନ୍ଦ୍ରନାଥ—ସେମାନଙ୍କୁ ଦେଉଳକୁ ନେଲେ ଦେଶର କି ଉପକାର ହେବ, ଏକଥା ଅପଣମାନେ ମତେ ପଚାରୁଛନ୍ତି । ତାର ଜବାବ କେବଳ ସେଇ ମହାତ୍ମାହିଁ ଦେଇ ପାରିବେ, ଭଲ ଭାବରେ । ତେବେ ଆପଣମାନଙ୍କୁ ମୁଁ ଏତକ କହିପାରେ ଭଗବାନ ସେମାନଙ୍କୁ ସୃଷ୍ଟି କରିଛନ୍ତି; ପୁଣି ଆମମାନଙ୍କୁ ମଧ୍ୟ ସୃଷ୍ଟି କରିଛନ୍ତି । ଅମେ ଦଳେ ଲୋକ ଏକତ୍ରିତ ହୋଇ, ଆଉ ଦଳେ ଲୋକଙ୍କୁ ଅଛୁଆଁ କରି ରଖିବା କଣ ପାପ ନୁହେଁ ? ଏତ ଗଲା ଅମ ଆତ୍ମାର ବିଚାର —

୨ୟ କୃଷକ—ବ୍ରାହ୍ମଣ ପଣ୍ଡିତ ଶାସ୍ତ୍ର ପୁରାଣ ସବୁଥିରେ ତ ଚଣ୍ଡାଳ ଜାତି ଅସ୍ପୃଶ୍ୟ ବୋଲି କହୁଛନ୍ତି । ଅମେ ସେକଥା ଏଡ଼ି ଦେଇ ପାରିବୁ କେମିତି ? ଆଉ ମଧ୍ୟ ସେମାନେ ଯେମିତ ଅଛନ୍ତି ସେମିତ ଥିଲେ, ଅମର କି କ୍ଷତି ହୋଇଯାଉଛି ।

ଇନ୍ଦ୍ରନାଥ—କ୍ଷତି ଅମର ବହୁତ ହେଉଛି । କାହିଁକି ନା, ଆମର ଏଇ ହରିଜନ ଭାଇ ଚିରକାଳ ଅଛୁଆଁ ଦୁଃଖରେ ରହି ଅନ୍ୟ ଧର୍ମ ଭିତରକୁ ଚାଲି ଯାଉଛନ୍ତି । ତେଣୁ ଅମ ସମାଜ ଦିନକୁ ଦିନ ଦୁର୍ବଳ ହୋଇ ପଡୁଛି । ଅମର ହିନ୍ଦୁଙ୍କ ସଂଖ୍ୟା ଦିନକୁ ଦିନ କମି ଆସୁଛି । ଅନ୍ୟ ଧର୍ମ ପାଖରେ ଆମେ ଦିନକୁ ଦିନ ହୋଇ ଯାଉଛେ ନ୍ୟୁନ । ଅପଣମାନେ ଶାସ୍ତ୍ର କଥା କହୁଛନ୍ତି । ସେହି ଶାସ୍ତ୍ର ତ ପୁଣି କହୁଛି ଦେଶ, କାଳ, ପାତ୍ର ଦେଖି କାର୍ଯ୍ୟ କରିବାକୁ ହେବ ବୋଲି । ବର୍ତ୍ତମାନ

Digitized by srujan ka@gmail.com

ଆମ ଭାରତ ଦେଶ ଗୋଟିଏ ଭୀଷଣ ପରିସ୍ଥିତି ପାଖରେ ଆସି ପହଞ୍ଚି ଯାଇଛି । ଏ ସମୟରେ ପ୍ରତ୍ୟେକ ଲୋକ ନିଜକୁ ଗୋଟିଏ ଗୋଟିଏ ସୈନ୍ୟ ବୋଲି ମନେ କରି ନିଜକୁ, ନିଜର ଘରକୁ, ନିଜର ପରିବାରକୁ ରକ୍ଷା କରିବାକୁ ହେବ । ଏ ଅବସ୍ଥାରେ ଯଦି ଆମେ ଆମର ଦେଶର ବହୁ ସଂଖ୍ୟକ ଲୋକଙ୍କୁ ଅଲଗା କରି ରଖୁ; ତେବେ ଆମେ ନିଃସହାୟ ହୋଇଯିବା ।

୧ମ କୃଷକ—ନିଃସହାୟ ହୋଇଯିବା ବୋଲି ଆମର ପିତୃପିତାମହ ଯାହା କରି ନ ଥିଲେ, ଆମେ ସେ କଥା କିମିତି କରିବା ?

ଇନ୍ଦ୍ରନାଥ—ଆମ ପିତୃପିତାମହ ତାଙ୍କ ସୁବିଧା ଅନୁଯାୟୀ କାର୍ଯ୍ୟ କରିଥିଲେ ବୋଲି ଆମେ ଯଦି ସେଇ ଆଚରଣ ଉପରେ ଜୋର ଦେଇ ବିଚାର ବୁଦ୍ଧି ହରେଇ ବସୁ, ତାହାହେଲେ ଆମେ ଆଉ କୌଣସି କାଳେ ମନୁଷ୍ୟ ହୋଇ ପାରିବା ନାହିଁ । ଆଚ୍ଛା କହିଲ, ତୁମ ବାପା ତ ଅକ୍ଷର ଜାଣି ନ ଥିଲେ, ତୁମେ କାହିଁକି ସମାଜ ପଢ଼ିବାକୁ ବସି ଯାଉଛ । ତୁମ ବାପା ବଳଦ ଗାଡ଼ିରେ ଜିନିଷ ଆଣୁଥିଲେ; ଗୋଟାଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗଲାବେଳେ ପାଦରେ ଚାଲି ଚାଲି ଯାଉଥିଲେ । ତୁମେ ବର୍ତ୍ତମାନ ଜିନିଷ ଆଣୁଛ ଟ୍ରକରେ । ଘରୁ ଅନ୍ୟ ସ୍ଥାନକୁ ଗଲାବେଳେ ବାସରେ ନ ବସିଲେ ଚାଲୁ ନାହିଁ । ତାହାହେଲେ ତ ତୁମେ ଆଜ ପାରମ୍ପରିକତା ରକ୍ଷା କରି ପାରିଲ ନାହିଁ ।

୨ୟ କୃଷକ—ଏ ଗୁଡ଼ାକ ସବୁ ବାହାର କଥା । ସେ ହେଲା ଆମର ଧର୍ମ କଥା, ଘର କଥା, ସମାଜର କଥା ।

ଇନ୍ଦ୍ରନାଥ—ଠିକ୍ କଥା ପ୍ରଶ୍ନ କରିଛ, ସମାଜ ଚିରକାଳ ଗୋଟିଏ ଭାବରେ ଚାଲି ନାହିଁ । ଆମର 'ଶାସ୍ତ୍ର' କହୁଛି ବ୍ରାହ୍ମଣ କେବଳ ପୂଜା କରିବ, ପୂଜା କରେଇବ, ପଢ଼ିବ, ପଢ଼େଇବ, କିନ୍ତୁ

Digitized by srujan ka@gmail.com

ଆଜି କାଲି ବ୍ରାହ୍ମଣମାନେ ଯେତେଷେଇ କାମ କରୁଛନ୍ତି, ଗାଈ ଚାରୁଛନ୍ତି । ଦୋକାନ କରି ସଉଦା ବିକି କରୁଛନ୍ତି । ଅନ୍ନ, ମାଂସ ପର୍ଯ୍ୟନ୍ତ ବିକି କରୁଛନ୍ତି । ଅନ୍ୟର ସେବା କାର୍ଯ୍ୟରେ ମଧ୍ୟ ନିଯୁକ୍ତ ହେଉଛନ୍ତି, ତେବେ ସମାଜ ନୀତିରେ ପରିବର୍ତ୍ତନ ହେଉ ନାହିଁ ବୋଲି ଆମେ କହି ପାରିବା କି ? ଆମେ ଦେଖୁଛେ ଦଶବର୍ଷ ପୂର୍ବେ ଯାହା ନୂତନ ବୋଧ ହେଉଥିଲା, ଆଜି ତାହା ପୁରାତନରେ ପରିଣତ ହୋଇ ଗଲଣି । ବ୍ରାହ୍ମଣର ନୀତି ଥିଲା ତ୍ରିସନ୍ଧ୍ୟାରେ ସ୍ନାନ କରି ଗାୟତ୍ରୀ ଜପ କରିବା ପରେ ଖାଇବାକୁ ହେବ ବୋଲି । କିନ୍ତୁ ଆଜି କାଲି କୋଟ ପେଣ୍ଟ ପିନ୍ଧି, ଜୋତା ପାଦରେ ହିଁ ହୋଟେଲରେ ବସି ମୁସଲ୍ମାନ ହାତରୁ ଖାଦ୍ୟ ଖାଇବାକୁ କେହି ପାପ ବୋଲି ଭାବୁ ନାହାନ୍ତି । ସେଥିପାଇଁ ମୁଁ ଆଜି ଆପଣମାନଙ୍କୁ ଅନୁରୋଧ କରୁଛି, ଆପଣମାନେ ସେ ଅତୀତର କଥା ଚିନ୍ତା ନ କରି ବର୍ତ୍ତମାନର ବୁଦ୍ଧି ଦ୍ୱାରା ନିଜକୁ, ନିଜର ସମାଜକୁ ପରିଚାଳିତ କରନ୍ତୁ ।

୧ମ କୃଷକ—ଆପଣ ଯାହା କହିଲେ ସେ କଥା ଆମେ ସମସ୍ତେ ବୁଝିଗଲୁ, ଆଜିଠୁ ଆମେ ପ୍ରତିଜ୍ଞା କରୁଛୁ, କଂଗ୍ରେସର ନିର୍ଦ୍ଦେଶ ଅନୁସାରେ ଆମେ ସମସ୍ତେ କାର୍ଯ୍ୟ କରିବୁ ।

ରଘୁନାଥ—ଆପଣମାନଙ୍କର ଏହି ବିଶ୍ୱାସ ବାଣୀରେ ମୁଁ ବଡ଼ ଆନନ୍ଦ ଲାଭ କରୁଛି । ଅତଏବ ଭାଇମାନେ ସମସ୍ତେ ସମସ୍ୱରରେ କହ, 'ଜୟ ଭାରତର ଜୟ !'

ସମସ୍ତେ—'ଜୟ ଭାରତ ମାତାର ଜୟ !'

'ଜୟ [illegible]ର ଜୟ !'

'ଜୟ ଜନନୀ ଜନ୍ମଭୂମିର ଜୟ !' [ପ୍ରସ୍ଥାନ]

(ଯବନିକା ପତନ)

Digitized by srujan ka@gmail.com

ପଞ୍ଚମ ଦୃଶ୍ୟ

ସ୍ଥାନ—ଅମୂର୍ତ୍ତଙ୍କ ଘରର କୌଣସି ଏକ କକ୍ଷ

ଅମିତା—କଣ ହେଲା ମୋର ? ଏଇ ମୁଁ, ନେତାମାନଙ୍କ ସମତା ପ୍ରିୟ ଭାବ ସ୍ମରଣ କରି ସେଆଡୁ ମୁହଁ ଫେରାଇ ଆଣୁଥିଲି । ବର୍ତ୍ତମାନ କେଉଁଆଡ଼େ ଗଲା ମୋର ସେ ବିରାଗ, ବଣ୍ଣପ୍ରକୃତ କେତେବେଳେ ମତେ ତାଙ୍କର ଅନ୍ତର ସହିତ ବିଜଡ଼ିତ କରି ଦେଲା, ଯେପରିକି ବହୁଯୁଗ ଆଗରୁ ଅପେକ୍ଷା କରିଥିଲି ଗୋଟାଏ ପରମ ଲଗ୍ନ, ତାଙ୍କ ଆଉ ମୋ ଭିତରେ ମିଳନ ଘଟାଇବା ନିମନ୍ତେ ।—[ଗୀତ]

ତରି ନେଉଥିଲି ବାହି ଜୀବନ ତମିର ପଥେ
ଦେଖା ଦେଲ ତୁମେ ଧ୍ରୁବ ତାରକା
ସ୍ୱପନେ ସୁନାର ରଥେ

ତୁମ ପଥେ ଆଜ ହେବି ମୁଁ ଯାତ୍ରିଣୀ
ହେବ ମୋର ଘର ତୁମରି ତରଣୀ
ପାର ହେବି ବନ୍ଧୁ ଏ ଭବ ସାଗର ହାତ ରଖି ତୁମ ହାତେ ।

ନାହିଁ ତ ମୋହର ଅଉ କିଛି ଧନ
ଅରପି ଦେବି ମୁଁ ମୋର ପ୍ରାଣ ମନ
ଯହିଁ ଯିବ ତୁମେ ଯିବି ପ୍ରଭୁ ମୋର ଥିବି ତୁମ ସାଥେ ସାଥେ ।

ଅମିତା ମା—ଅମିତା ! ବଡ ଶୁଭ, ଗୋଟାଏ ବଡ଼ ଶୁଭ ଖବର ଧରି ଆସିଛି ।

Digitized by srujan ka@gmail.com

ଅମିତା—କି ଶୁଭ ଖବର ବୋଉ ?

ଅମିତା ମା—ବୀର ବାବୁଙ୍କର ଝିଅ ଲଳିତାକୁ ଦେଖିଛୁ ତ । ଅପୂର୍ବ ସୁନ୍ଦରୀ, ରୂପକୁ ଦେଖି ଭଗବାନେ ବୁଦ୍ଧି ବି ଦେଇଛନ୍ତି । ବୁଝିଲୁ, ତୁ ତ ହେଲୁ ପାଗଳି, ତୋର ଭାଇ ବି ହେଲା ପାଗଳ, ଭଗବାନେ ତାକୁ ଭଲ ବୁଦ୍ଧି ଦେଲେ, ଯାହାହେଉ ସେ ରାଜି ହୋଇଗଲା ।

ଅମିତା—ବଡ ଆନନ୍ଦର କଥା ବୋଉ, ଭାଇଙ୍କର ବାହା ଘର ହୋଇ ଗଲେ ମୁଁ ବଡ ଆନନ୍ଦ ହେବି । ଭାଉଜ ଆସିବେ, ପୁଣି ଧନୀ ଘର ଝିଅ, ଭାଇ ତ ପଇସା ଲାଗି ଅସୁବିଧା ଭୋଗୁ ଥିଲେ । ସେ ସବୁ ଦୂର ହୋଇଯିବ, ଦେଶର କାର୍ଯ୍ୟ ବି ଉଦ୍ଧାର କରି ପାରିବେ ।

ଅପୂର୍ବ ମା—ବୀର ବାବୁ ତାଙ୍କର ଚାଳି କଳ ସାଥିରେ ଯାହା କିଛି ଅଛି ସବୁ ତ ଅପୂର୍ବ ନାଁରେ ଉଇଲ ଲେଖି ଦେଉଛନ୍ତି ।

ଅମିତା—ତାହାହେଲେ ତ ଆହୁରି ଭଲ ହେଲା, ଶ୍ରମିକ ଓ କୃଷିକଙ୍କର ସବୁ ପ୍ରକାର ସୁବିଧା ହୋଇଯିବ । ମୁଁ ତ ଭାବୁଛି, ଆମ ଦେଶର ପୁଞ୍ଜିବାଦୀମାନେ ଏଇ ନୀତି ଯଦି ଅବଲମ୍ବନ କରନ୍ତେ, ଦେଶର ବହୁତ କିଛି କାର୍ଯ୍ୟ ହୋଇ ପାରନ୍ତା ।

ଅପୂର୍ବ ମା—ମୁଁ ଯାଉଛି, ଅଜି ଚନ୍ଦ୍ର ପଣ୍ଡିତେ, ମାନ୍ଦ୍ର ମୂଳାବାଙ୍କୁ ସବୁ ଯିବେ ନିର୍ବନ୍ଧ କରିଦେଇ ଆସିବେ । (ପ୍ରସ୍ଥାନ)

ଅମିତା—(ପଦଚାରଣ କରି) ଶୁଣୁଛି ଆଜିକି ତିନି ଦିନ ହେଲା ଇନ୍ଦ୍ରନାଥ ବାବୁ ମନ୍ଦିର ପାଖରେ ଅନଶନ ଆରମ୍ଭ କରିଛନ୍ତି । ଏ ଅବସ୍ଥାରେ ଆମେ ଆମର ମନୁଷ୍ୟ ଜାତି ପ୍ରତି ଯେତିକି ସହାନୁଭୂତି ପ୍ରକାଶ କରିବା କଥା ସେତିକି ବି କରି ପାରୁ ନାହୁଁ ।

Digitized by srujan ka@gmail.com

ଶରଧା—[ପ୍ରବେଶ] ମୋ ଝିଅଟି କାଲି ସକାଳୁ ପଙ୍କତା ଖିଏ ପକେଇବ, ସେ ହାଡ଼ ପାଣ ବୁଢ଼ାକୁ ଦେଖିଲା ଭିତରକୁ ଛାଡ଼ିବ ନାହିଁଟି ।

ଅମିତା—କାହିଁକି, ହାଡ଼ ପାଣବୁଢ଼ାକ କଣ ମନୁଷ୍ୟ ନୁହନ୍ତି କି ମାଉସୀ ? ଶରଧା (ଅମିତାର କଥା ନଶୁଣି) ଶୁଣୁଚ ନା ନାହିଁ ହେ ।

ଚନ୍ଦ୍ର—ଆଲୋ ନୋକେଇ ବୋଉ, ତୋ କଥା ନ ଶୁଣିବାକୁ ମୋର ଗୃହ ଅଛି ନା, ନ ଶୁଣିଲେ ତେବେଣି ଦାନା ପାଣି ଉଠି ଯିବ ଯେ ।

ଅମିତା ମା—[ପ୍ରବେଶ] ସମୁଦ୍ଧିଆଣୀ ଆସିଛନ୍ତି । ଆସ ଆସ ଘର ଭିତରକୁ ଆସ, ଦୁଆରେ ମୁହଁରେ କଳି କରୁଛ କାହିଁକି ?

ଚନ୍ଦ୍ର—ଆପଣ ଏବେ ସିନା ସମ୍ବନ୍ଧିଆଣୀ ହେଲେ, ନୋକେଇ ବୋଉ କଥା ଗାଁ ଭିତରେ କାହାକୁ ଅଗୋଚର ଅଛି କହିଲ ? ଆଉ ମଧ୍ୟ ଆପଣ ଜାଣନ୍ତି ନାହିଁ ବୋଧହୁଏ, ନୋକେଇ ବୋଉ ସିନା ଖର, କିନ୍ତୁ ଭିତରେ (ମୁଖ ଭଙ୍ଗୀ କରି) ଠିକ ନାରିକେଳ ଫଳ ପରି ସରସ ।

ଶରଧା—ଦେଖିଲ ସମୁଦ୍ଧିଆଣୀ, ମଣିଷର ଗୁରୁଜନ, ଶିଷ୍ୟଜନ କୋଉ କଥାରେ ବାରଣ ନାହିଁ । ମନୁଷ୍ୟ ଏତେ ଅକପଟି ହେବା ଭଲ ନୁହେଁ, ମନେ ରଖିଥାଅ । (ପ୍ରସ୍ଥାନ)

ଅମିତା ମା—ସମ୍ବନ୍ଧ ତ ଆମର ଉଭୟଙ୍କର ବନ୍ଧୁ, ଚନ୍ଦ୍ର ପଣ୍ଡିତଙ୍କୁ ତାଙ୍କ ଆଣି ଏକା ସାଙ୍ଗରେ ଯିବେ ।

ଚନ୍ଦ୍ର—ଆଜ୍ଞା ତେବେ, ମୁଁ ଯାଏ । (ପ୍ରସ୍ଥାନ)

ଅମିତା ମା—ଆସେ ଅମି । (ପ୍ରସ୍ଥାନ)

Digitized by srujan ka@gmail.com

ଅମିତା—ବର୍ତ୍ତମାନ ମୁଁ ନିଜେ ହିଁ ନିଜର କାର୍ଯ୍ୟପନ୍ଥା ଅନୁସରଣ କରିବାକୁ ହେବ । ତାହେଲେ କଣ କରିବ ମୁଁ । ଏଇ ଦୁଇ ଦିନ ଆଗରେ କରୁଥିଲି ସ୍ୱାଧୀନଦଳର ପ୍ରଚାର । ଆଜି ପୁଣି କଂଗ୍ରେସର ସପକ୍ଷରେ ପ୍ରଚାର କରିବି, ନା ! ତାହା ହେବ ନାହିଁ । (ଚିନ୍ତାକରି) ତେବେ ! କଣ କରିବି ! ହଁ, ଏହା ହିଁ ଗ୍ରହଣୀୟ । ଏହା ହିଁ ସ୍ମରଣୀୟ । ମୁଁ କୌଣସି ଗୋଷ୍ଠୀରେ, କୌଣସି ଅନୁଷ୍ଠାନରେ ଯୋଗ ଦେବି ନାହିଁ । ମୁଁ କରିବି ଲୋକ ସେବା, ମୁଁ କରିବି ଅନ୍ତର ଜନତାର କାଂଷିତ ମାନାରେ ହେଉ ଆକାଂକ୍ଷା ପୂରଣ । ସ୍ପେନ ଦେଶରୁ ପାଦ୍ରୀ ସାହେବ ଆସି କାଳିଙ୍ଗା ପ୍ରାନ୍ତରେ ଲୋକଙ୍କ ଭିତରେ କରୁଛନ୍ତି ପ୍ରଚାର, ଆଜି ସେହି ସ୍ଥାନମାନଙ୍କରୁ ଶହ ଶହ କନ୍ଧ, ଡଭରିଙ୍କୁ କରେଇ ପାରୁଛନ୍ତି ଧର୍ମାନ୍ତରେ ଦୀକ୍ଷିତ । ମୁଁ କଣ ସେତିକି ପାରିବି ନାହିଁ ? ନିଶ୍ଚୟ ପାରିବି । ଯିବି ! ଚାଲିଯିବି ସେଇ ନିମ୍ନତର ସ୍ଥାନକୁ । ଶିକ୍ଷା ଦେବି ସେହି ନିମ୍ନସ୍ତରର ଲୋକଙ୍କୁ । ସେଇମାନେ ହେବେ ଆମଦେଶର ଭବିଷ୍ୟତ ସୈନିକ । ସେଇମାନେ ହେବେ ହିନ୍ଦୁ-ଧର୍ମର ସଂରକ୍ଷକ । ଭଗବାନ ମତେ ସାହସ ଦିଅନ୍ତୁ । ଶକ୍ତି ଦିଅନ୍ତୁ । ଅଜଣା ଅଶୁଣା ଅସଂଖ୍ୟ ଜନତାର ଆବଶ୍ୟକ ଯୋଗାଡ଼ କରିପାରେ । (ପ୍ରସ୍ଥାନ)

Digitized by srujan ka@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

ସ୍ଥାନ—ରାସ୍ତା

(ଅର୍ଜୁନ ଚରଣ ପ୍ରଭୃତି ପ୍ରବେଶ କରି)

ଜୟ ଭାରତ ଜୟ ଭାରତ ଜୟ ଭାରତ ବୋଲ
ମନୁଷ୍ୟ ହୃଦୟ, ଦେଉଛନ୍ତି ଡାକ, ପାପ ଭାର ଭୂଲ
ଚିତା ରୂପେ ପାଳେ ଭାରତ ଦେଶ,
ଦିଏ ମାତା ରୂପେ, ଶୁଭ ଆଶୀଷ
ତାହାର ସରୋଜ ଚରଣ ଛୁଇଁ ଚାଲରେ ଚାଲ ।
ମଲେ ହେବ ଲଭ ସରଗ ରାଜ୍ୟ
ଜୀଇଁଲେ ଲଭିବା ଆମେ ସ୍ୱରାଜ୍ୟ
ଭବ ବନ୍ଧନେ ଇନ୍ଧନ ଦେଇ ଜାଳରେ ଜାଳ ।
ଜୟ ଭାରତ ବୋଲ । (ପ୍ରସ୍ଥାନ)

(ଦୁଇ ଜଣ ସହର ବାସୀଙ୍କ ପ୍ରବେଶ)

ବଂଶୀ—କିହୋ ବିନୋଦ ବାବୁ, ଅନେକ ଦିନ ହେଲା ଦେଖା ହୋଇ ନ ଥିଲା । କୁଆଡ଼େ ଯାଇଥିଲ କି ?

Digitized by srujan ka@gmail.com

ବିନୋଦ—ଯାଇଥିଲି ଚନ୍ଦ୍ରଭାଗା, ଆଜି ତ ଆସୁଛି । ତୁମେ ସବୁ ଭଲ ଅଛ ତ ?

ବଂଶୀ—ଆଜି ଏଠି ସଭା ହେବ । ଦେଖି ଯିବା କି ?

ବିନୋଦ—ନିଶ୍ଚୟ ଯିବା ଯେ, ସଭାଟା କରୁଛନ୍ତି କିଏ ?

ବଂଶୀ—ଇନ୍ଦ୍ରନାଥ ଅସ୍ପୃଶ୍ୟତା ନିବାରଣ ସଭା କରୁଛନ୍ତି । ସ୍ୱାଧୀନ ଦଳର ସଭା ନା କଂଗ୍ରେସ ଦଳର ସଭାକୁ ଯିବା କହିଲ ?

ବିନୋଦ—ଦୁଇଟା ଯାକ ସଭାକୁ ଯିବା, ଆମେ ହେଲେ ଦର୍ଶକ, ସଭାର ଫଳା ଫଳରୁ ଆମର ଯାଏ ଆସେ କଣ ? ଯିବା, ଦେଖିବା ଯେଉଁ ଦଳଟା ଜିଣିଲା ଭଳିଆ ଦିଶିବ, ସେଇ ଆଡ଼କୁ ଆମେ ଆଉଜି ପଡ଼ିବା ।

ବଂଶୀ—ଚିରକାଳ ଆମେ ଇମିତ ସୁବିଧା ବାଦୀ ହୋଇ ରହି ଥିବା, ବିନୋଦ ବାବୁ ? ଦେଶଟା କେଉଁ ଆଡ଼େ ଗତି କରୁଛି ଟିକିଏ ଗମ୍ଭୀରଭାବରେ ଚିନ୍ତାକଲେ ଜଣାପଡୁଛି, ପ୍ରତ୍ୟେକ ଲୋକର ଯେପରି ଗୋଟାଏ କର୍ତ୍ତବ୍ୟ ରହିଛି ।

ବିନୋଦ—ସେ କର୍ତ୍ତବ୍ୟ କଥା ଆଉ କହନାହିଁ ବଂଶୀ ବାବୁ, ନିଜର ସଂସାର ଚଳେଇବା ତ ଦୁଃସାଧ ବ୍ୟାପାର ହୋଇ ପଡୁଛି; ସେଥିରେ ପୁଣି ଦେଶର କାର୍ଯ୍ୟ । ଆମେ ଦୁଇଟାଯାକ ସଭା ଦେଖିବା, ଯେଉଁ ଆଡ଼େ ଜୟ ହେବ, ସେଇଆଡ଼େ ଚାରିଅଣା ପଇସା ଦେଇ ହୋଇଯିବା ସଭ୍ୟ । ଆମେ ତ ଚିରକାଳ ସୁବିଧାବାଦୀ, ସମୟ ସଙ୍ଗେ ତାଳ ଦେଇ ଚାଲିବା ଆମର ନୀତି । ଚାଲ ଯିବା— (ପ୍ରସ୍ଥାନ)

(ଶଙ୍କର ଓ ଅପୂର୍ଣ୍ଣ ପ୍ରବେଶ)

ଅପୂର୍ଣ୍ଣ—ଖୋସାମୋଦ କରି କରି ଜୀବନରେ ଆସିଗଲାଣି ଅବସାଦ । ଆଉ କୌଣସି କାର୍ଯ୍ୟ କରିବ ନାହିଁ ଏଣିକି ।

Digitized by srujan ka@gmail.com

ଏହାପରେ ମୁଁ ଧାରଣ କରିବି ସନ୍ନ୍ୟାସ ବ୍ରତ । ଯେଉଁ ଜଗତରେ ମନୁଷ୍ୟପାଖରେ ମନୁଷ୍ୟର ବିଶ୍ୱାସ ନାହିଁ, ସେହି ମନୁଷ୍ୟ ସମାଜଭିତରେ ରହିବା ଅଦୌ ଆବଶ୍ୟକ ନାହିଁ ଶଙ୍କର ।

ଶଙ୍କର—ଆପଣ ଇମିତ ବିଚଳିତ ହେଲେ କୌଣସି କାର୍ଯ୍ୟ ହେବ ନାହିଁ, ଅପୂର୍ଣ୍ଣ ବାବୁ ! ବିଶେଷତଃ ସେନାପତିର କର୍ତ୍ତବ୍ୟ ତା'ର ସୈନାମାନଙ୍କୁ ସମାବେଶ କରି ରଖିବା, ଅହୁରି ମଧ୍ୟ ତା'ର କର୍ତ୍ତବ୍ୟ ଶେଷପାଏ ସମର କରିବା—ସେ ଯୁଦ୍ଧରେ ଜୟୀ ହେଉ ବା ନ ହେଉ ।

ଅପୂର୍ଣ୍ଣ—[ଚିନ୍ତିତ ଭାବରେ ପଦଚାରଣ କରି] ସେନାପତିର କର୍ତ୍ତବ୍ୟ ତାର ସେନାମାନଙ୍କୁ ସମାବେଶ କରିବା । ହଁ, ସେନାପତି ମୁଁ ! ମୋର କର୍ତ୍ତବ୍ୟ ସେନାମାନଙ୍କୁ ଏକତ୍ରିତ କରିବା— ।

ଶଙ୍କର—ଆଜି ଆମର ଏଇ ପାଖର କେତେକ ଲୋକଙ୍କୁ କୁହା ଯାଇଛି ଏଠି ସଭା ହେବ । ବୋଧହୁଏ ଆରତି ବାବୁ ସେମାନଙ୍କୁ ସାଙ୍ଗରେ ଧରି ଆସୁଛନ୍ତି । ହଁ,—ଏଇ ତ ଗୀତ ଶୁଭିଲାଣି ।

[ଗୀତ ଗାଇ ଗାଇ ଆରତି ପ୍ରଭୃତି ପ୍ରବେଶ]

ହତଭାଗ୍ୟ ଆମେ ଆହା
ଶୋଷଣ ଦାଉରେ   କଷ୍ଟ ଭୋଗିଲୁ
କେହି ତ ନୋହିଲେ ସାହା,
ଶାସକ ଗଣ ତ   ଧନୀଙ୍କ ବାହାରେ
ମିଶାଇଲେ ନିଜ ବାହା ।
ଦରିଦ୍ରଙ୍କ ଦୁଃଖ   କିଏ କାହିଁ ଅଛି
ଦେଖାଅ ଏ ଦିନେ ରାହା,

Digitized by srujan ka@gmail.com

ଭେକର ଦାଉରେ ସେମ୍ବ ଏକା ଭଳି
ସ୍ଥଗିତ କାହାଣୀ ଲେଖା ।
କୁଳଚୀର କର ଟଳିଏ ଖାଇଲି
ବୋଲଉଲୁ ଭାଉ ବୁଢ଼ା,
ଆମର ଦୁର୍ନାମ ଅନେକ ତ ଗାଇଲ
କରନ୍ତି ଅନନ୍ଦେ ଦୋହା ।
ଗୋଳି ତଳେ ପଡ଼ି ଗୋଳି ବୋଲି ହୋଇ
ଗାଳି ଦେଏ ପ୍ରାଣ ପ୍ରିୟା ।
ଅପମାନ ଦାଉ ସହିବା ନା ଆଉ
ଖୋଜିବା ଏଣିକି ରାସ୍ତା,
ଆମର ହାଡ଼ରେ ଉଠିବ ସମାଧି
ଦେଇଣ ଆମର ବାଧା ।

ଅମୃତ—ଜୟ ସ୍ୱାଧୀନ ଭାରତର ଜୟ !

ସମସ୍ତେ—ଜୟ ସ୍ୱାଧୀନ ଭାରତର ଜୟ ।

ଅମୃତ—ଭାଇମାନେ, ତୁମେମାନେ ଭଲ ଭାବରେ ଜାଣ, କଂଗ୍ରେସ ଅଦ୍ୟାବଧି ତୁମମାନଙ୍କ ନିମନ୍ତେ ସଭା ସମିତିରେ କେବଳ କହି ଆସିଥିଲା ମାତ୍ର, କାର୍ଯ୍ୟାତ୍ମକଭାବରେ କିଛି କରି ପାରି ନାହିଁ । ଯେଉଁମାନଙ୍କୁ ତୁମେମାନେ ନିଜର ପ୍ରତିନିଧି ବୋଲି ବ୍ୟବସ୍ଥାପକକୁ ପଠାଇଥିଲ, ସେମାନେ ନାନା ପ୍ରକାର ମୋହରେ ଅଭ୍ୟସ୍ତ ହୋଇ ତୁମମାନଙ୍କ ନିମନ୍ତେ କୌଣସି କାର୍ଯ୍ୟ କରି ପାରିଲେ ନାହିଁ । ଏଣୁ ମୁଁ ତୁମମାନଙ୍କୁ ଅନୁରୋଧ କରୁଛି, ତୁମେ ସମସ୍ତେ ଏକଯୁଟ ହୋଇ ଆମର ସ୍ୱାଧୀନ ଦଳ ସହିତ ମିଳିତ ହୋଇ ନିଜର ଅର୍ଥ ନୈତିକ

Digitized by srujan ka@gmail.com

ସ୍ୱାଧୀନତା ନିମନ୍ତେ ଲଢେଇ କର । ନିଜକୁ ରକ୍ଷା କରିବା ନିମନ୍ତେ ଯତ୍ନଶୀଳ ହୋଇ ପଡ଼ ।

କଲ୍ୟାଣ—ଅଜ୍ଞା, ଆଜି ତ ଆପଣମାନେ ବଡ ବଡ କଥା କହୁଛନ୍ତି । ଦଶ୍ୱାଳିଶି ସାଲରେ ଇଂରେଜ ସରକାର ଯୁଦ୍ଧ ଘୋଷଣା କରି ଯେତେବେଳେ ନେତାମାନଙ୍କୁ ଜେଲ ଦେଲେ, ସେତେବେଳେ ଏ ଦେଶର ଲୋକେ ସରକାର ସହିତ ସହଯୋଗ କରି ଦେଶରୁ ହଜାର ହଜାର ଯୁଦ୍ଧ ଚାନ୍ଦା ଆଦାୟ କରିଥିଲେ । ଜନଯୁଦ୍ଧ ନାମରେ ଲୋକଙ୍କୁ ଯୁଦ୍ଧକୁ ପଠେଇ ଦେଲେ । ତା ବଦଳରେ ଆମ ଦେଶ ଲୋକ ପ୍ରାଣ ଦେଇ ଆଉ ବାକି ଯାହା ଫେରି ଆସିଲେ । କି ଶିକ୍ଷା ପାଇ ଆସିଲେ ? ନାନା କୁଜାତ, କୁଅଭ୍ୟାସ ଶିଖି ଆସିଲେ, ଅର୍ଥ ଲୋଭରେ ପଡ଼ି ଜୀବନର ଶାନ୍ତି ହରେଇଲେ । ଏଇ ମାତ୍ର ହେଲା ଲାଭ ।

ଅପୂର୍ବ—ତୁମେ ସବୁ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଏ କଥା ଭାବୁଛ । କିନ୍ତୁ ପ୍ରକୃତରେ ତାହା ନୁହେଁ । ନେତାମାନେ ଜେଲ ଗଲାବେଳେ ଆମର ଜନସେବା ସଙ୍ଘ ମଧ୍ୟ ଜେଲ ଯାଇଥିଲେ । ଯେତେବେଳେ ଜନସେବାସଙ୍ଘ ଶୁଣିଲେ ଦେଶର ନାନା ସ୍ଥାନରେ ଦୁର୍ଭିକ୍ଷର ଭୀଷଣ ପରିଣାମରେ ହଜାର ହଜାର ଲୋକ ମୃତ୍ୟୁ ମୁଖରେ ପଡି ଯାଉଛନ୍ତି, ସେତେବେଳେ ସେମାନେ ସରକାରଙ୍କ ସହିତ ସାଲିସ କରି ମୁକ୍ତ ହେଲେ । ଫେରିଆସି ଏହି କ୍ଷୁଧା ପୀଡ଼ିତ ଅସଂଖ୍ୟ ଜନତାକୁ ଦେଖି ସେମାନଙ୍କର ଅସହ୍ୟ ଦୁଃଖ ହେଲା । ସେମାନେ ଭାବିଲେ ଦେଶର ଅକର୍ମା ଜନତା ଅନ୍ୟାନ୍ୟ ସ୍ଥାନକୁ ଯାଇ ଭାବର ଆଦାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଯୁଦ୍ଧ କୌଶଳ ମଧ୍ୟ ଶିଖି ଆସିବାର ସୁଯୋଗ

Digitized by srujan ka@gmail.com

ପାଇବେ । ଆମେ କେବଳ କଥା କହି ସ୍ୱରାଜ୍ୟରକ୍ଷା କରିବା ଏ ଆଶା ଆମର ନାହିଁ । ଅହିଂସାରେ ସ୍ୱରାଜ୍ୟ ପାଇବା ଆଶା ଆମର ନାହିଁ । ଆମେ ଘରେ ବସି ଅହିଂସା ମନ୍ତ୍ର ଜପ କରୁ କରୁ ହୁଏ ତ କୌଣସି ବିଦେଶୀ ଶତ୍ରୁ ଆସି ମୁହୂର୍ତ୍ତିକରେ ମେସିନ ଗନ୍ ଚଳେଇ ଗୋଟାଏ ଗୋଟାଏ ଗ୍ରାମ ଧ୍ୱଂସ କରି ଦେଇ ଚାଲିଯିବ । ସେଥିପାଇଁ ଆମେ ପ୍ରତ୍ୟେକ ଗାଁରେ ସୈନ୍ୟ ସମାବେଶ କରି ରଖିବାକୁ ହେବ । ଏ ଦୃଷ୍ଟିରୁ ଆପଣ ମାନେ ଭାବି ପାରୁଥିବେ । ଯୁଦ୍ଧକୁ ଯିବା ଦ୍ୱାରା ଆମ ଦେଶ ଲୋକଙ୍କର କେତେ ଉପକାର ହୋଇ ପାରନ୍ତି ।

୧ମ କୃଷକ—ହିଁ, ତମର ସବୁ କଥା ଆମେ ଶୁଣିଲୁଣି ଯେ, ହେଲେ ମଧ୍ୟ ଆମର ବିଶ୍ୱାସ ଅଛି । କେଉଁ ଯୁଗରୁ ଆମେ ମହାତ୍ମା ଗାନ୍ଧୀଙ୍କ କଥାରେ ବିଶ୍ୱାସ କରି ଆସିଛୁ । ଆହୁରି ମଧ୍ୟ, ଯାହାଙ୍କ ଅନୁକମ୍ପାରୁ ଆଜି ଏ ସଭାରେ ଠିଆ ହୋଇଛୁ, ଯେଉଁ କଂଗ୍ରେସର ଦୟାରୁ ଆମେ ମଣିପୁର ବନ୍ୟାରୁ ଜୀବନ ଧରି ଫେରି ଆସିଲୁ, ତା କଥା, ତାହାର ନିର୍ଦ୍ଦେଶ ଆମେ କେବେ ଅମାନ୍ୟ କରି ପାରିବୁ ନାହିଁ । ଆମମାନଙ୍କର ଜଣେ ଉପକାରୀ ନେତା ହରି-ଜନମାନଙ୍କୁ ଦେଉଳକୁ ନେବାକୁ ଅନଶନ କରିଛନ୍ତି । ଆମେ ସମସ୍ତେ ହରିଜନଙ୍କୁ ଦେଉଳକୁ ପଠେଇ ତାଙ୍କର ଅନଶନ ଭାଙ୍ଗିବୁ । ତା ନ କଲେ ଭଗବାନ ଆମମାନଙ୍କୁ ଅଭିଶାପ ଦେବେ । ଏହାପରେ ଯାହା ହେବ ।

କଲ୍ୟାଣ—ବୋଲ, ଜୟ ଭାରତର ଜୟ
ଜୟ ଭାରତର ଜୟ

(ପ୍ରସ୍ଥାନ)

Digitized by srujan ka@gmail.com

ଦ୍ୱିତୀୟ ଦୃଶ୍ୟ

ସ୍ଥାନ—ମନ୍ଦିର ଦ୍ୱାର ଶାୟିତ ଇନ୍ଦ୍ରନାଥ

ଅମିତା—[ପ୍ରବେଶ] [ମୁଗ୍ଧ ଭାବରେ ଗୃହ୍ଣ] କି ବିଚିତ୍ର ! ଏ ସୃଷ୍ଟି, ଭାବିଲେ ବୋଧ ହେଉଛି ସତେ ଯେପରି ସବୁ ଅସମ୍ଭବ । ମୋର ଏହି ପରିବର୍ତ୍ତନ କଣ ଅସ୍ୱାଭାବିକ ? ମୁଁ କେତେ ପ୍ରକାର ଚେଷ୍ଟା କରୁଛି, ନିଜକୁ ଅସ୍ଥିର କରିବାକୁ । ଅସ୍ଥିର ତ କରିପାରୁ ନାହିଁ କୌଣସି ମତେ । ମୋ ମନର ଭାବ ତାଙ୍କୁ ଜାଣିବାକୁ ଦେବା କଣ ଠିକ ହେବ ।

[ଅଗ୍ରେ ଅଗ୍ରେ ଯାଇ ପାଦ ପାଖରେ ବସିବା]

ଇନ୍ଦ୍ରନାଥ—(ଉଠି ଗୃହ୍ଣ) (ପୁଣି ବସିବା)

ଅମିତା—(ଉଠି ଠିଆ ହୋଇ) ନମସ୍କାର । ଦର୍ଶନ କରି ଆସିଥିଲି ଯେ, ପୂଜାରୀ ମହାଶୟ ତ ନାହାନ୍ତି ।

ଇନ୍ଦ୍ରନାଥ—(ହସି) ଓହୋ ! ଦେବତା ଦର୍ଶନ କରି ଆସିଥିଲେ । କିନ୍ତୁ ଜାଣିତ ଭାବରେ ଶ୍ରୀକୃଷ୍ଣ ପାଦ ପାଖରେ ଅର୍ଜୁନ ବସିଲା ପରି ବସି ଯାଇଥିଲେ ଯେ ! ଜନଯୁଦ୍ଧରେ ମୋର ସାହାଯ୍ୟ ମାଗୁ ନାହାନ୍ତି ତ ?

ଅମିତା—ଜନଯୁଦ୍ଧରେ ଯୋଗ ଦେବାକୁ ରଥ ଆଉ ସାରଥି ଉଭୟର ଅଭାବ ।

ଇନ୍ଦ୍ରନାଥ—(ହସି) କାହିଁକି, ଆପଣଙ୍କ ମନରୂପ ରଥ ଅଛି । ବାକି ଅଛି ସାରଥି, ଗୋଟାଏ ବାଛି ନେଲେ ତ ଦେଶ ଯୁଦ୍ଧରେ ଜୟୀ ହୋଇ ପାରେ ।

ଅମିତା—ମୁଁ ଭାବିଥିଲି, ଆପଣ କେବଳ ସଙ୍ଗୀତ ଛଡ଼ା ଅନ୍ୟ କୌଣସି କଥା ଜାଣନ୍ତି ନାହିଁ ବୋଲି । କିନ୍ତୁ ଆପଣଙ୍କର

Digitized by srujan ka@gmail.com

କଥାରୁ ଦେଖି ଧାରଣା ବଦଳି ଯାଇଛି । ଆପଣ ତ ନିଜେ କବି, ଆଜି ଭାରତ ପାଇଁ ଗୋଟାଏ ବାଟି ଧାଅନ୍ତୁ ।

ଇନ୍ଦ୍ରନାଥ—ଆପଣଙ୍କର ଆଗର ଧାରଣାଟା ତ ଠିକ୍ ଥିଲା । ମୁଁ ତ ଅଦୌ କବି ନୁହେଁ, ତେବେ କବିଙ୍କୁ ଅନୁଭବ କରେ ।

ଅମିତା—ଆପଣ ଉପବାସରେ କ୍ଲାନ୍ତ ହୋଇ ପଡ଼ିଲେଣି । ମୁଁ ଜାଣେ ଗୁଣିମାନେ ନିଜର ଗୁଣ ଦେଖାଇ ହୁଅନ୍ତି ନାହିଁ । କଥାରେ ଅଛି, "ଜ୍ଞାନେ ମୌନଂ କ୍ଷମାଶକ୍ତୌ ତ୍ୟାଗେ ଶ୍ଳାଘା ବିପର୍ଯ୍ୟୟଃ ।"

ଇନ୍ଦ୍ରନାଥ—ମୁଁ ଉଠିବା ଆଗରୁ ଆପଣ ବସିଥିଲେ । ବର୍ତ୍ତମାନ ବସନ୍ତୁ ମୋର କଥା ଅଛି । ଅର୍ଜୁନ କହୁଥିଲା ଆପଣ ମୋର ସୁଖ୍ୟାତି ପ୍ରଚାର କରୁଛନ୍ତି ? ଏ କଥା ଶୁଣିବାକୁ ବଡ଼ ଆନନ୍ଦର କଥା ତ !

ଅମିତା—ଆପଣଙ୍କ ସପକ୍ଷରେ ନୁହେଁ, କଂଗ୍ରେସ ସପକ୍ଷରେ ପ୍ରଚାର କରୁଛି । ଆପଣ କ୍ଲାନ୍ତ ଅଛନ୍ତି, ଶୁଅନ୍ତୁ ।

ଇନ୍ଦ୍ରନାଥ—ଆପଣଙ୍କ ସହିତ କଥାବାର୍ତ୍ତା କଲେ ମୋର କ୍ଲାନ୍ତି କମି ଯାଉଛି । ବସନ୍ତୁ ଆପଣ, ଆପଣଙ୍କୁ ଦେଖିଲେ ମୋର ମନେ ହେଉଛି ଆପଣ କୌଣସି ଅତି ଭଲ ଗୁରୁଙ୍କଠାରୁ ଶିକ୍ଷା ପାଇ ଆସିଛନ୍ତି ।

ଅମିତା—[ବସି] ମୋର ଗୁରୁ ତ ସ୍ୱୟଂ ଭଗବାନ ।

ଇନ୍ଦ୍ରନାଥ—ତାହାହେଲେ ତ ଆପଣ ଭାଗ୍ୟବାନ !

ଅମିତା—ଆପଣ ବ୍ୟାକରଣ ମାନନ୍ତି ନାହିଁ ନା କ'ଣ ? ସ୍ତ୍ରୀ ଲୋକେ ଭାଗ୍ୟବାନ ହୋଇପାରେ ନାହିଁ, ଭାଗ୍ୟବତୀ ହୁଏ ।

ଇନ୍ଦ୍ରନାଥ—ମାନେ କିନ୍ତୁ ଜାଣେ ନାହିଁ, ଆପଣ ବୋଧହୁଏ ସେ ସମ୍ବନ୍ଧରେ ପାରଦର୍ଶୀ; ମତେ କିଛି ଲୋକେ ବୋଲି ଉପକୃତ ହୁଅନ୍ତି, ଆଜି ମଧ୍ୟ ଆପଣଙ୍କୁ ଭାଗ୍ୟବତୀ ବୋଲି

Digitized by srujan ka@gmail.com

କହନ୍ତି । ଆପଣଙ୍କ କଥାବାର୍ତ୍ତା ଶୁଣିଲେ, ଆପଣଙ୍କ ପ୍ରତି ସ୍ୱତଃ ଶ୍ରଦ୍ଧା ଆସି ଯାଉଛି । ଆପଣ କେଉଁ ସ୍କୁଲରେ ପଢ଼ିଥିଲେ ?

ଅମିତା—ନୟାଗଡ଼ ମାଇନର ସ୍କୁଲରେ ପଢ଼ିଥିଲି, ମୋର ଅଜା ଜଣେ ପଣ୍ଡିତ ଥିଲେ । ସେ ମତେ ପଢ଼ାଇ ଦେଇଥିଲେ ।

ଇନ୍ଦ୍ରନାଥ—ଆପଣ ଶୁଣିଲେ ବିଶ୍ୱାସ କରିବେ କି ନାହିଁ, ମୁଁ ଏଠାକୁ ଆସିବା ଅବଧି ମୋ ମନରେ ଯେଉଁସବୁ ନୂଆ ଅନୁଭୂତି ଜାଗି ଉଠିଛି, ସେ ସବୁ ଭାଷା ଦେଇ ତଆରି କରି କହି ପାରୁନାହିଁ, ଆପଣ କଣ କିଛି ବୁଝି ପାରୁଛନ୍ତି— ।

[ନେପଥ୍ୟରୁ ଗୋବିନ୍ଦ ଗୀତ ଗାଇବା; ଚନ୍ଦ୍ର ପଣ୍ଡିତ ଓ ଗୁରୁ ପ୍ରବେଶ]

ଅମିତା—[ପ୍ରସ୍ଥାନ]

ଚନ୍ଦ୍ର—[ପ୍ରବେଶ] ଆରେ ଗୁରୁ, ସୃଷ୍ଟିରେ ସବୁ ନୂଆ ନୂଆ କଥା ଘଟୁଛି, ବୁଝିଲୁ ।

ଗୁରୁ—ଆଜ୍ଞା, ବଡ଼ ହଇରାଣିଆ କଥା ହେଲା, ଏକା ଗାଁ ଭିତରେ ଏଣେ କମ୍ୟୁନିଷ୍ଟ ସଭା ହେଲା ବେଳକୁ, ଗାଁ ବାହାରେ ତେଣେ କଂଗ୍ରେସ ସଭା । ନାହିଁ, ଧଁ ଗୁଳୁଛି । ଏଣେ କଅଣ୍ଟା କଣ ବୁଝିଲେ କି ଆଜ୍ଞା! ଦେବତା ବୋଲି ତ ଆମର ତଳେ ବିଶ୍ୱାସ ନ ଥାଏ । ଯେଉଁ ଚାରି ପଇସା ଲାଭ ହୁଏ, ସେଇ ଆଡ଼କୁ ଆମେ ଆଉଜୁ, ବୃଥାରେ ସିନା ଦେବତା ଦେବତା ବୋଲି ଆଡ଼ମ୍ବର ଦେଖେଇ ହେଉ ।

ଚନ୍ଦ୍ର— [ବିସ୍ମୟରେ ବିବ୍ରତ ହୋଇ] କିରେ କଣ କହିଲୁ, ତୋ ମୁହଁରୁ ଏ କଥା ! ଏଁ କଣ କହିଲୁ, ଦେବତା ଉପରେ ତୋର ବିଶ୍ୱାସ ନାହିଁ ? ଦେବତା ଉପରେ···ତୋର···ବିଶ୍ୱାସ···ନାହିଁ । କିରେ ଗୁରୁ । ଦେବତା ଉପରେ ତୋର ବିଶ୍ୱାସ ନାହିଁ ?

Digitized by srujan ka@gmail.com

ଗୁରୁ—ବିଶ୍ୱାସ ଆଉ କେଉଁଠି ଅଛି ଆଜ୍ଞା ! ଟଙ୍କା ପାଇଲେ ଆମେ ସବୁ କରୁ । ଆପଣ କହିଲେ ହରିଜନଗୁଡ଼ାକ ଖାଲି ଗୋମାଂସ ଭୋଜୀ, ଚଣ୍ଡାଳ । ଗାଁ ଭିତରେ କେତୋଟା ଭଲ ବ୍ରାହ୍ମଣ ଅଛନ୍ତି ଖୋଜି ବାହାର କରନ୍ତୁ ତ ! ନଟବର ଦାସ ଚଣ୍ଡାଳଠୁ ଅଧିକ ହେବ, ହୀନ କାର୍ଯ୍ୟ କଲା, ଟଙ୍କା ପଚିଶ ଦେଉଳକୁ ଦେଲା ବୋଲି ତାକୁ ଆପଣମାନେ ଭଲ କରି ଦେଲେ । ସେ ହେଲା ପୁଣ୍ୟ-ପୂତ ବ୍ରାହ୍ମଣ । ବର୍ତ୍ତମାନ ତ ପୁଣି ସେ ସେଇ ଆଚରଣ କରୁଛି । ଦେବତାର ପାଟି ଭିତ୍ତି ଅଛି ଯେ ପରିଷ୍କାର ! ଦେବତା ତ ପଥର, ସେ ନୀରବରେ ସମସ୍ତଙ୍କର ଅତ୍ୟାଚାର ଅନାଚାର ସହ୍ୟ କରି ଯାଉଛି ।

ଚନ୍ଦ୍ର—ଆରେ ଯା, ପୁଣି ସେଇ କଥା କହୁଛି, କିରେ ଦେବତା ପାଖରେ ତୋର ବିଶ୍ୱାସ ନାହିଁ !

ଗୁରୁ—ସେଇ କଥା ତ କହୁଛି ଆଜ୍ଞା, ବିଶ୍ୱାସ ଆଉ କେଉଁଠି ଅଛି ! କହିଲି ପରା ଆମେ ବିଶ୍ୱାସ କରୁଛେ ଟଙ୍କାକୁ; ଟଙ୍କାହିଁ ଆମର ସବୁ, ମଣିଷ ନୁହେଁ କି ଦେବତା ନୁହେଁ ।

ଚନ୍ଦ୍ର—କି କଥା କହୁଛୁ ରେ—ବିଶ୍ୱାସ ନାହିଁ ! ବିଶ୍ୱାସ ନାହିଁ !

ଗୁରୁ—ବିଶ୍ୱାସ ତ ନାହିଁ, ଆପଣଙ୍କର ବିଶ୍ୱାସ ଅଛି କି କହନ୍ତୁ ତ ?

ଚନ୍ଦ୍ର—କିରେ ! ମୋ ସଙ୍ଗରେ ଯୁକ୍ତି କରୁଛୁ । କିଏ କହିଲା ବିଶ୍ୱାସ ନାହିଁ, ଥରେ ନୁହେଁ ଶହେ ଥର କୁହ ବିଶ୍ୱାସ ଅଛି, ବିଶ୍ୱାସ ଅଛି ।

ନେପଥ୍ୟ— [ଗୀତ]

ଜାଗରେ ଜନତା ଜାଗିଉଠ ଆଗ
ପଡ଼ୁଛି ଦେଶର ଡାକ

Digitized by srujan ka@gmail.com

ଅଙ୍ଗ ବଙ୍ଗ ଆଦି ଆଗେ ଆଗେ ଧାଇଁ
ରଖିଥିଲେ ବାହାରେ ଟେକ ।
ମ୍ଲେଚ୍ଛ ସ୍ପୃଷ୍ଟ କରନ୍ତି ମୂଷିକ
ଘର କୋଣେ କେତେ ରହିଥିବ ପଡ଼ି
କରମକୁ ମଣି ପରମ ଧରମ
କର୍ମ ହେଉ ତୁମ ଲକ୍ଷ୍ୟ ।
ସାଗର ସେ ପାରୁ ଆସିଣ ଅନେକ
ବସିଲେ ଏ ଦେଶେ ହୋଇଣ ମାଲିକ
ଭୁଲି ଭଲ କାର୍ଯ୍ୟ ହଜାଇଣ ଶୌର୍ଯ୍ୟ
ବସି ଅଛ ହୋଇ ମୂକ ।
ଆମର ଭାଇଙ୍କୁ ପତନ ଛଳରେ
ନିଅନ୍ତି ବିଦେଶୀ ଧରମ ଅନ୍ତରେ
ଅପାରଗ ଆମେ ଅଛୁଆଁଙ୍କୁ ବାରି
କହୁଛୁ ଲଲାଟ ଲେଖା ।

(କେତେକ ହରିଜନ, ଅର୍ଜୁନ ଚରଣ ପ୍ରବେଶ)

କଲ୍ୟାଣ—[ପ୍ରବେଶ] ଆମେ ସବୁ ଧର୍ମଘଟ କରନ୍ତୁ । ବ୍ରାହ୍ମଣ-ମାନେ ଆମକୁ ନ ଛୁଇଁଲେ ଆମେ ଦେବତା ଦର୍ଶନ କରିବାକୁ ଯିବୁ ନାହିଁ । ସେଥିପାଇଁ ମୁଁ କହୁଛି ଆଜ୍ଞା, ଉପବାସଟା ଛାଡ଼ ଦିଅନ୍ତୁ ।

ଚନ୍ଦ୍ର—[ନିରେଖି ଚାହିଁ] କିରେ, ତୁ ପୁଣି କୁଆଡ଼େ ଆସିଛୁ ?

କଲ୍ୟାଣ—ଆଜ୍ଞା, ମୁଁ ପଦ୍ମ ରାମ ନାୟକର ପୁଅ, କଲ୍ୟାଣ ନାୟକ ।

ଚନ୍ଦ୍ର—(ଅତି ବ୍ୟସ୍ତ ହୋଇ) ଏଁ, ମାଡ଼ି ରାମ ନାୟକର ପୁଅ ! ଗଲା, ଗଲା, ସବୁ ଗଲା । ଆମର ସେ ସନାତନ ଧର୍ମ ଲୋପ କରିବାକୁ ବସିଛ, ଆଉ କଣ ?

Digitized by srujan ka@gmail.com

କଲ୍ୟାଣ—ସନାତନ ଧର୍ମ ଅଟେମ କାହିଁକି ଲୋପ କରବୁ ଅଜ୍ଞା ! ସେ ଆପେ ଆପେ ଲୋପ ପାଇଯିବ ମୁସଲମାନ ଅବ ଖିଷ୍ଟାନଙ୍କ ପ୍ରଭାବରେ । ଆପଣମାନେ ଅଳ୍ପକାଳରେ ଦେଖିବେ ଯେ ।

ଚନ୍ଦ୍ର—କରେ ! ତୋର ସାହସଟା ତ କମ୍ ନୁହେଁ । ମୋ ମୁହଁ ପାଖରେ ଠିଆ ହୋଇ ଯୁକ୍ତି କରୁଛୁ । କରେ ମୁଁ କିଏ ଜାଣୁ ନା ? ନା, ନା, ନା !!! ଅଉ ଏ ସଂସାରରେ ଆମର ସ୍ଥାନ ନାହିଁ । ଏମାନେ ଯଦ ଅସି ଦେବତା ପୂଜା କରବେ, ଅମେ ସବୁ ବଲେ ଯାଇ ହାଣ୍ଡ ପାଣି ସାହିରେ ଗୋଡ଼ କାଟି ବସିବୁ, ଆଉ କଣ ! ନିଆଁ କ ଧୂଆଁ ଗାନ୍ଧିବାଦ ଦେଶରେ ପଶିଲା, ଦେଶର ଧର୍ମ କର୍ମ ସବୁ ଧ୍ୱଂସ ହେଲା । ସମାଜ ଧ୍ୱଂସ ହେଲା । ଅବଳା ପ୍ରବଳା ହୋଇ ପୁରୁଷଗୁଡ଼ାକୁ ବଶ କରି ଥୋଇ ଦେବେ ।

ମୂର୍ଖ—ହଁଅନା, ଗାନ୍ଧିବାଦଟାରେ ସବୁ ଯାହାହେଉ ଭଲକଥା ଅଛି । କିନ୍ତୁ ଏଇ ଯେଉଁ ପରଦା ପ୍ରଥା ଉଠିବା କଥା ଅଛି, ସେ କଥାରେ ମୁଁ କେବେ ଏକମତ ନୁହେଁ ।

ଚନ୍ଦ୍ର—ଅରେ କହିଲୁ ପରା ଦେଶଟା ଉତ୍ସନ୍ନ ହୋଇଗଲା । ସ୍ତ୍ରୀ ଲୋକ ଘରୁ ବାହାରିଲେ, ଆଉ ସେମାନଙ୍କର ଧର୍ମ କର୍ମ ବୋଲି କିଛି ରହେ ? ଛାଡ଼ ସେ କଥା ! ଧର୍ମ, କର୍ମ, ସମାଜ ସବୁ ତ ଗଲା; ଆଉ ଅଛି କଣ ଯେ, ଏଣିକି ତ ଯେଉଁଠି ଦେଖିଲେ ସେଇଠି ବର୍ଣ୍ଣଙ୍କର ସନ୍ତାନ ବ୍ୟାପି ଯିବେ । ଏଇ କୁଳାଙ୍ଗାର-ମାନେ ନିଜ ନିଜର ସ୍ୱାର୍ଥ ସିଦ୍ଧି ଆଶାରେ ଧର୍ମର ବିଲୋପ ସାଧନ କରିବାକୁ ବସିଛନ୍ତି ।

ଭଦ୍ରନାଥ—(ଉଠିପଡ଼ି) ଆପଣମାନଙ୍କ ଭଳି କେତେ ଜଣ ଅତି ସଙ୍କୀର୍ଣ୍ଣମନା ଲୋକ ହିଁ ହିନ୍ଦୁ ଧର୍ମର ବିଲୋପ ସାଧନ କରୁ

Digitized by srujan ka@gmail.com

ଅଛନ୍ତି । (କଲ୍ୟାଣଙ୍କୁ ଦେଖାଇ) ଏହି ପରି ସାଧୁ ସଚ୍ଚରିତ୍ର ଶହ ଶହ ଲୋକଙ୍କୁ ଅନ୍ୟ ଧର୍ମରେ ପ୍ରବେଶ କରାଇ ଦିନକୁ ଦିନ-ସମ୍ପ୍ରଦାୟଟାକୁ ଦୁର୍ବଳ କରି ଦେଉଛନ୍ତି । ଯଦି ହିନ୍ଦୁ ଧର୍ମ ବିଲୋପ ସାଧନ ହୁଏ ତେବେ ଆପଣମାନଙ୍କ ଦ୍ୱାରା ହିଁ ହେବ ।

ଚନ୍ଦ୍ର—[ବିଚଳିତ ହୋଇ] ଅରେ ଏଁ ! କଣ କହିଲା ଏ ଲୋକଟା ? ଏଁ, ଅମେ କରୁଛୁ ହିନ୍ଦୁଧର୍ମର ବିଲୋପ ସାଧନ ! କହୋ ! ବିଲୋପ ଶବ୍ଦର ପ୍ରକୃତ ଅର୍ଥ କଣ ଜାଣିଛି କି ? ଏତେ ବଡ଼ ଶବ୍ଦ ଗୋଟାଏ ଉଚ୍ଚାରଣ କରିବାକୁ ତୁମ ଜିଭ ଲେଉଟିଲା କିପରି ହୋ ? ଜାଣ ! ଆମରି ପରି ଜଣେ ମାତ୍ର ଲୋକ ଗୋଟାଯାକ ଭାରତବର୍ଷରେ ଜୀବିତ ଥିଲେ, ହିନ୍ଦୁଧର୍ମ ରହିଥିବ ଯାବତ ଚନ୍ଦ୍ରାର୍କେ ସଜୀବ । ଜାଣ ତ, ଏକମାତ୍ର ଶଙ୍କରାଚାର୍ଯ୍ୟ ଲକ୍ଷ ସଂଖ୍ୟକ ବୌଦ୍ଧ-ସୌଧ କରିଥିଲେ ଧୂଳିସାତ୍ । ଆଜି ଏହା ମଧ୍ୟ କହି ରଖୁଛି, ଲୋକ ଶତ ସହସ୍ର, ଲକ୍ଷ କୋଟି ସଂଖ୍ୟାରେ ଅନ୍ୟ ଧର୍ମ ନେଲେ ବି ହିନ୍ଦୁଧର୍ମର ବିନ୍ଦୁଏ ସୁଦ୍ଧା କ୍ଷତି ହେବ ନାହିଁ । ଜାଣ, ତୁମେମାନେ ଶତ ଚେଷ୍ଟା କରି ମଧ୍ୟ ଏମାନଙ୍କୁ ବ୍ରାହ୍ମଣ କରି ପାରିବ ନାହିଁ । ଋଷିବାକ୍ୟ ଅଛି—

“ପାୟସ ଦେଇ ସ୍ନେହେ ବାୟସ ପାଳିଲେ
ପାରଇ କି ଛାଡ଼ିଉସେ ମାଂସାହାର ତଳେ ।”

ଅର୍ଜୁନ—ପଣ୍ଡିତ ମହାଶୟ ! ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ବୁଝିଲ, ଦୁଇଥର ହେଲା, ତିନିଥରବେଳକୁ ଆମରି ଜୟ ସୁନିଶ୍ଚିତ । କଲ୍ୟାଣ ଭାଇ, ଚାଲ ଯିବା, ଗାଁର ସମସ୍ତଙ୍କୁ ଧରି ଆସିବା !

(ପ୍ରସ୍ଥାନ)

ଚନ୍ଦ୍ର—ଗାଁ ଲୋକ ତ ମୋର ହାତ ମୁଠା ଭିତରେ । ଏମାନେ କଣ କରିବେ ମୁଁ ଦେଖେ । (ପ୍ରସ୍ଥାନ)

Digitized by srujan ka@gmail.com

ଗୁରୁ—ସଙ୍ଗେ ସଙ୍ଗେ କୁରୁକ୍ଷେତ୍ର ଆରମ୍ଭ ହୋଇ ଗଲଣି, ଆଉ କଣ! (ଇନ୍ଦ୍ରଙ୍କୁ ଚାହିଁ) ଆପଣ କିଛି ବ୍ୟସ୍ତ ହେବ ନାହିଁ । ଦୁଇଦିନ ହେଲା ଅମିତା ଘର ଘର ବୁଲି ଯାହା ଯେତେ ବୁଝେଇ କହି-ଲେଣି, ଆମ କଥା ଆଉ ରହିବ ନାହିଁ ! ହଁ, ଆପଣ ଭୋଗର ପଣା ଟିକିଏ ପିଇଥାନ୍ତେ ?

ଇନ୍ଦ୍ରନାଥ—ନାଁ, ମୁଁ ପାଣି ପିଇଛି । ପଣା ମୋର ଦରକାର ନାହିଁ ।

ଗୁରୁ—ଆଜ୍ଞା, ଗୋଟିଏ କଥା ପଚାରିବି ବୋଲି ଭାବିଛି । ଗାନ୍ଧିଜୀ ତ ସଂସାରୀ ମନୁଷ୍ୟ, ଆଉ ଆପଣ କାହିଁକି ଆମର ଏଇ ଅମିତାଟିକୁ ବିବାହ କରୁ ନାହାନ୍ତି ?

ଇନ୍ଦ୍ରନାଥ—ଦେଶ ସେବୀ ମୁଁ । ମୋର ଘର ପଥେ, ପ୍ରାନ୍ତରେ । ଗୃହୀ ହେବା ମୋ ଭାଗ୍ୟରେ ନାହିଁ । ସ୍ତ୍ରୀ ଲୋକର ମାୟାରେ ଆବଦ୍ଧ ହେଲେ ଦେଶର କାର୍ଯ୍ୟ କର ହୁଏ ନାହିଁ । ଦେଶସେବା ମୋର ଧର୍ମ, ମୁଁ ସେ ଧର୍ମତ୍ୟାଗ କରି ପାରିବି ନାହିଁ ।

ଗୁରୁ—ସ୍ତ୍ରୀ ନେଇ ସଂସାର କରିବା ଅନେକର ବଡ଼ ଧର୍ମ ହୋ । ତାହା ହେଲେ ଚିରକାଳ କଣ ଏପରି ରହିବେ । (ମୁଣ୍ଡ ହଲେଇ କରି) ଅସମ୍ଭବ ! ଅସମ୍ଭବ ! ଭର୍ତ୍ତୃହରି କଣ କହିଛନ୍ତି ଜାଣନ୍ତି ତ ?
"ସନ୍ମାର୍ଗେ ତାବଦାସ୍ତେ ପ୍ରଭବତି ପୁରୁଷସ୍ତାବଦେବେନ୍ଦ୍ରିୟାଣାଂ।
ଲଜ୍ଜାଂ ତାବଦ୍ବିଧତ୍ତେ ବିନୟମପି ସମାଲମ୍ବତେ ତାବଦେବ
ଭ୍ରୂଚାପାକୃଷ୍ଟ ମୁକ୍ତା ଶ୍ରବଣ ପଥଗତା ନୀଳ ପକ୍ଷ୍ମାଣ ଏତେ
ଯାବଲ୍ଲୀଳାବତୀନାଂ ନହୃଦି ଧୃତି ମୁଷୋ ଦୃଷ୍ଟି ବାଣା ପତନ୍ତି ।"
ଅର୍ଥାତ୍—ଯେତେଦିନ ଯାଏଁ ରସିକା ନାରୀର ନୀଳୋତ୍ପଳ ନୟନର ମଧୁର ଦୃଷ୍ଟି ପୁରୁଷ ଉପରେ ପଡ଼ି ନଥାଏ ସେତେ ଦିନ ପର୍ଯ୍ୟନ୍ତ ସେ ତାର ଲଜ୍ଜା, ବିନୟାଦି ଗୁଣ ଗୁଡ଼ିକ ଧରି ରହିପାରେ । କିନ୍ତୁ ଲୀଳାବତୀ ନାରୀର ଦୃଷ୍ଟି ପଡ଼ିଲା ପରେ,

Digitized by srujan ka@gmail.com

ନିଚ୍ଚୟ । ଲୋକେଙ୍କର ବୋଝ ତ ମତେ ମୋଟେକେଦାମ୍ କରି ଛାଡ଼ି ଦେଇଛି । ଅନ୍ୟର କଥା କଣ କହିବି, ଆପଣ ସଂସାର କରନ୍ତୁ । ବୁଝିଲେ, ହଁ, ମୁଁ ଯାଉଛି, ଦେଖଣେ ଘରେ ଦାଢ଼ି-ଦେଇ ବସିଥିବ, ନୋକେଇ ବୋଝ ମତେ ଭାରି ଭଲପାଏ ।

(ପ୍ରସ୍ଥାନ)

ଭଦ୍ରନାଥ—ଦୁର୍ଭାଗ୍ୟ ତ ଅନେକ ତଥ୍ୟ କଥା କହି ଗଲା । ଜୀବନରେ ସେ ଯଦି ସମ୍ଭବ ହୁଏ, ଅମିତା ହେବ ମୋର ଜୀବନର ସଙ୍ଗିନୀ । ଅମିତା ବନ୍ଧୁଶ୍ରୀ, ଅମିତା ରାଜନୀତି କୁଶଳା, ସେ ହେବ ମୋର ଭାବୁକ ହୃଦୟର ଭାବରସ ବାହିନୀ ମନ୍ଦ ମନ୍ଦାକିନୀ ଧାରା । ନା, ନା, ଏସବୁ ସମ୍ଭବ ନୁହେଁ, ମୁଁ ଯେ କର୍ମୀ ! କର୍ମ ବନ୍ଧନରେ ମୋର ଗୋଟାକଯାକ ଦେହ ବନ୍ଧା ହୋଇ ରହିଛି । ସେଥିରୁ ମୁକ୍ତ ହୋଇ ଯିବା ଉପାୟ ତ ମୋର ନାହିଁ । ବର୍ତ୍ତମାନ ଦେଶର ଚତୁର୍ଦ୍ଦିଗରେ ଦିଶୁଛି ଭାବ ସଂଗ୍ରାମର ଭୀଷଣ ବହ୍ନିଶିଖା । ତାରି ପଛରେ ମୁଁ ହେବି ଧାବିତ । ଜୀବନର ଭୋଗ ଆକାଙ୍କ୍ଷାକୁ ଦେବି ଜଳାଞ୍ଜଳି, କାମନା କରିବି ଶର ବିଚ୍ଛେଦ । ଅମିତା ଯଦି ମୋର ବନ୍ଧୁତ୍ୱ ଗ୍ରହେ, ସେତିକିରେ ହିଁ ମୁଁ ହେବି ସୁଖୀ । ଜୀବନର ଅସୀମ ନିଃସଙ୍ଗତ୍ୱ ଭିତରେ ଅନୁଭବ କରିବି ବନ୍ଧୁତ୍ୱର ସ୍ପର୍ଶ ।

କଲ୍ୟାଣ—[ପ୍ରବେଶ କରି] ଅଜ୍ଞା ! ଆମ ଗାଁର ସମସ୍ତେ ଆପଣଙ୍କର ଉପବାସରେ ଉପବାସ କରିବାକୁ ବସିଛନ୍ତି ।

ଭଦ୍ରନାଥ—ଦୂରିଲ୍ କଲ୍ୟାଣ, ଏଇ ଉପବାସ କରି ମୋର ଅନୁତାପ ଆସିଛି । ମୁଁ ଭାବୁଛି ଉପବାସ କରି ହୁଏ ତ ମୁଁ ଭଲ କରି ନାହିଁ । ଲୋକଙ୍କୁ ବୁଝେଇ କହିବା ହିଁ ଥିଲା ମୋର କର୍ତ୍ତବ୍ୟ । ଉପବାସ କରି ଲୋକଙ୍କୁ ଧମକ ଦେଖାଉଛି ବୋଲି ମୋର

Digitized by srujan ka@gmail.com

ବ୍ୟସ୍ତ ହେଉଛନ୍ତି । କିନ୍ତୁ ଆରମ୍ଭ ଯେତେବେଳେ କରି ସାରିଛି, ତାର ଅବସାନ ଯାଏଁ ଅପେକ୍ଷା କରିବାକୁ ହେବ, କଲ୍ୟାଣ ! ଭଗବାନଙ୍କର ଯଦି ଇଚ୍ଛା ଥାଏ, ତୁମେମାନେ ସୁଫଳ ପାଇବ ! ଅନ୍ୟମାନେ ମୋ ପାଇଁ ଉପବାସ କରିବେ ଏ କଥା ମୁଁ କଳ୍ପନା କଲେ କଷ୍ଟ ଲାଗୁଛି । ସମସ୍ତଙ୍କୁ ବୁଝେଇ କହିବୁ, କେହି ଯେପରି ଉପବାସ ନ କରନ୍ତି ।

କଲ୍ୟାଣ—ଯାଉଛି ଲୋକଙ୍କୁ ବୁଝେଇ କହିବି । [ପ୍ରସ୍ଥାନ]

ତୃତୀୟ ଦୃଶ୍ୟ

ସ୍ଥାନ—ବୀର ବାବୁଙ୍କର ସଜ୍ଜିତ ଘର ଅଗଣା

(ଆରତ ଓ ଶଙ୍କର)

ଶଙ୍କର—ମୋର ବଡ଼ ଦୁଃଖ ହେଉଛି ଯେ, ଯେଉଁ ଦଳଟାକୁ ଏତେ ଯତ୍ନରେ ମନପ୍ରାଣ ଦେଇ ଗଢିଥିଲେ, ସେ ଦଳଟା ଦିନ ଗୃହଟା ଭିତରେ କୁଆଡ଼େ ଛିନ୍ନ ଭିନ୍ନ ହୋଇଗଲା ।

ଆରତ—ଭଗବାନଙ୍କର ବିଧାନ କିଏ ଅନ୍ୟଥା କରିବ—କିନ୍ତୁ ତୁ ଏତେ ଅଧୀର କାହିଁକି ହେଉଛୁ । ଅପୂର୍ବ ତ ଆମମାନଙ୍କୁ ସମ୍ପୂର୍ଣ୍ଣ ନିର୍ଭର ଜବାବ ଦେଇଛନ୍ତି ।

ଶଙ୍କର—ଭଗବାନଙ୍କର ନାମ ଏଠି ଉଚ୍ଚାରଣ କର ନାହିଁ ଆରତ । ଯେଉଁଦିନଠୁଁ ଦଳ ଗଢିଛେ, ସେଇଦିନଠୁଁ ଆମେ ଯାଇଛେ ଭଗବାନଙ୍କୁ ଭୁଲି । ବର୍ତ୍ତମାନ କେଉଁ ମୁହଁ ନେଇ ଜନ ସମାଜ ନିକଟରେ ଠିଆ ହେବା ସେଇ କଥା ଭାବୁଛି ।

[ନେପଥ୍ୟେ—ବାଦ୍ୟ, ଶଙ୍ଖ, ହୁଳହୁଳି ଶବ୍ଦ, ବରଦା ଓ ବୀର, ଚନ୍ଦ୍ର, ସୁବୁ, ରେବା ଅନ୍ୟ କେତେ ଜଣ ବନ୍ଧୁବର୍ଗ ପ୍ରବେଶ, ସମସ୍ତଙ୍କର ଯଥାସ୍ଥାନ ଉପବେଶନ]

Digitized by srujan ka@gmail.com

ବୀର—ଆଜି ଏହି ପବିତ୍ର ବଦାନ୍ୟସଭାରେ ଆପଣମାନଙ୍କ ସମକ୍ଷରେ କହି ରଖୁଛି ଯେ, ମୁଁ ଦେଶର, ଜାତିର କଲ୍ୟାଣ କାମନାରେ ମୋର ଏକମାତ୍ର କନ୍ୟା ସହିତ ସକଳ ପ୍ରକାର ଧନ ସମ୍ପଦ ଶ୍ରୀମାନ୍ ଅରୁଣଙ୍କୁ ସମ୍ପ୍ରଦାନ କରୁଅଛି । ମୋର ପୂର୍ଣ୍ଣ ଆଶା ଯେ ମୋର ଧନକୁ ଆପଣାର ଧନ ବୋଲି ମନେ କରି ଜନ ସେବା କାର୍ଯ୍ୟରେ ବିନିଯୋଗ କରିବେ ।

ଚନ୍ଦ୍ର—ଆରେ ଆମର ଯେ ଜନସେବାରୁ ନିଆଁ ମିଳିବ, ନା ଧୂଆଁ ମିଳିବ ? ଶହ ଶହ ବର୍ଷଧରି, ଯୁଗେ ଯୁଗେ କେତେ ସଂସ୍କାରକ, କେତେ ଦେଶହିତୈଷୀ ବାହାରିଲେଣି, ଲୋକଙ୍କୁ କେତେ ବଦଳେଇ ଦେଲେଣି କହିଲ ? ମୋର ଆଜି ବଡ଼ ଆନନ୍ଦ ହେଉଛି, ଅରୁଣ ପରି ବୁଦ୍ଧିମାନ ପୁଅ ହାତରେ ଯେଉଁ ଦାନ ଦିଆଗଲା, ସେ ତାହା ରକ୍ଷାକରି ସୁଖରେ ସଂସାର କରି ପାରିବ । ଆମର ଚିରକାଳର ସନାତନ ଧର୍ମକୁ ଦୃଢ଼ରୁ ଦୃଢ଼ତର କରି ରଖିବ ।

ଶରଦା—ହଁ ହେ ପଣ୍ଡିତେ । ମାନ୍‌ଥିଲା ମିଳିଥାଉ ହାତ ଧରିଛନ୍ତି । କିମିତି ସୁଖରେ ସଂସାର କରିବେ ଆଶୀର୍ବାଦ ଦିଅ, ଆମର ସେ ହାଡ଼ ପାଣି ସଭିରୁ କି ଲାଭ ହେବ ।

ବଂଶୀ—ଆପଣ ତ କାହାକୁ ପାଞ୍ଚଟଙ୍କା ଏକାଠି କରି ଦେଇ ପାରୁ ନ ଥିଲେ, ଆଜି ସବୁ ସମ୍ପତ୍ତି ଚଳ କଳଶା ସହିତ ଅରୁଣକୁ ଦେଇ ଦେବା ଦେଖି ଆଶ୍ଚର୍ଯ୍ୟ ଲାଗୁଛି । ଯାହାହେଉ ଆପଣ ଆଜି ଯେଉଁ ଆଦର୍ଶ ଦେଖାଇଦେଇ ଅଛନ୍ତି, ଆମ ଦେଶର ସମସ୍ତେ ନ ହେଲେ ମଧ୍ୟ ଯାହାଟିକେ ଦଶଜଣ ଯଦି ଏହି ନୀତି ଅବଲମ୍ବନ କରନ୍ତି, ତାହାହେଲେ ଦେଶର ବହୁ ଉପକାର ସାଧିତ ହୁଅନ୍ତା ।

Digitized by srujan ka@gmail.com

ବୀର—ଆପଣମାନେ ଜାଣନ୍ତି, ମୁଁ ଅତ୍ୟନ୍ତ ଧନ ଲାଳସୀ, ତଥାପି ସମୟ ଯେତେବେଳେ ଆସିଲା, ମୁଁ ଆଉ ନୀରବ ହୋଇ ରହି ପାରିଲି ନାହିଁ । ଭାରତ ପରି ପରାଧୀନ ଦେଶରେ ଶିକ୍ଷା ବିହୀନ ଅନ୍ଧକାର ମଧ୍ୟ ରାଜ୍ୟରେ କମ୍ୟୁନିଷ୍ଟ ବାଦ ଶୋଭନୀୟ ନୁହେଁ । ଆପଣମାନେ ଚିନ୍ତା କଲେ ଜାଣି ପାରିବେ, କମ୍ୟୁନିଷ୍ଟ ନିଜକୁ ଦାୟିତ୍ୱ ଜ୍ଞାନ ହୀନ କରିଦିଏ, ସେଥିରେ କାହାର ପ୍ରତି କାହାରି ମମତା ଭକ୍ତି ରହିବା ଦେଖାଯାଏ ନାହିଁ । କେବଳ ଖାଇ ପିଇ ସୁଖରେ ବଞ୍ଚିବା ବ୍ୟବସ୍ଥା ମାତ୍ର ସେଥିରେ ରହିଛି । ଯାହାର ଯେତେ ଶକ୍ତି ତଦ୍ଦ୍ୱାରା ସେ ଧନ ଉପାର୍ଜନ କରେ, ଧନ ଉପାର୍ଜନ ଚିନ୍ତା ନୀତି ବିଗର୍ହିତ ନୁହେଁ । ଜଣେ ଜଣେ ଉପାର୍ଜନ କ୍ଷମ ଦାନଶୀଳ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଦେଶରେ ବହୁବିଧ ଉନ୍ନତି ମୂଳକ ଅନୁଷ୍ଠାନ ପ୍ରତିଷ୍ଠା ହୋଇ ପରସ୍ପର ସାହାଯ୍ୟ ସହାନୁଭୂତିର ଘନିଷ୍ଠ ସମ୍ବନ୍ଧ ରହେ ।

ଶଙ୍କର—ଏ ସମସ୍ତ ଧନୀକ ମାନଙ୍କର ଅନ୍ତରର କଥା ମାତ୍ର, କିନ୍ତୁ ଭାରତର ଜନସାଧାରଣ ଗ୍ରହଣ କରିଛନ୍ତି କମ୍ୟୁନିଜମ୍ ନୀତି ।

ବୀର—ଆମ ଦେଶର ଯୁବକ ଗ୍ରହଣ କରିଛନ୍ତି କମ୍ୟୁନିଜମ୍ ନୀତି, କିନ୍ତୁ ଆମ ଦେଶର ଅସଂଖ୍ୟ ଜନତା ଆଜିର ବୁଝି ନାହାନ୍ତି ରାଜ୍ୟ କଣ, ରାଜା କିଏ, କମ୍ୟୁନିଜ୍ମ କଣ, କଂଗ୍ରେସ କଣ । ପଡ଼ିଶା ଘର ଗଛରେ ଫଳ ଗୋଟିଏ ଦେଖିଲେ ଲୋଭ ଦୃଷ୍ଟି ଦେଇ, କେହି ନ ଥିବା ସମୟରେ ନେଇ ଯିବାକୁ କୁଣ୍ଠିତ ହେଉ ନାହାନ୍ତି । ଏ ହେଲା ମନୁଷ୍ୟ ପ୍ରକୃତି, ଆଚରଣ ଓ ମନୋଭାବ—ଜଣକୁ ଅଂଶୀଦାର ନ କରି ଅନ୍ୟ ଜଣେ ଉପଭୋଗ କରିବା ଆକାଂକ୍ଷା । ଯେତେ ଦିନଯାଏ ଦେଶର ଅର୍ଥନୈତିକ ସମସ୍ୟାର ସମାଧାନ ହୋଇ ନାହିଁ, ଯେତେ ଦିନଯାଏ ଦେଶରୁ

Digitized by srujan ka@gmail.com

ମୂର୍ଖତା ଦୂର ହୋଇ ନାହିଁ, ଯେତେ ଦିନଯାଏ ସମାଜର କୁସଂସ୍କାର ଦୂର ହୋଇ ନାହିଁ, ତେତେ ଦିନଯାଏ କୌଣସି 'ବାଦ୍'ର କୌଣସି ମୂଲ୍ୟ ନାହିଁ । ଏଣୁ ମୁଁ ଆଜି ମୋର ମା'ମା କଣ୍ଠ ଅଣ୍ଟ ଭାଷା ଦାନ କରି ଦେଶର ଜନସାଧାରଣଙ୍କ ସେବା କରିବାକୁ ଅମୂର୍ତ୍ତିଙ୍କୁ ଉପଦେଶ ଦେଉଛନ୍ତି ।

ଅମୂର୍ତ୍ତି—ଆଜି ମୁଁ ମୋର ସହକର୍ମୀମାନଙ୍କୁ କହିବାକୁ କୁଣ୍ଠିତ ନୁହେଁ, ଯେଉଁ ଧନର ଅଭାବରୁ ମୁଁ ସେବା କାର୍ଯ୍ୟରେ ଅଗ୍ରସର ହେବାକୁ ବାଧା ପାଉଥିଲି, ସେଇ ଧନର ସହାୟତାରେ ବର୍ତ୍ତମାନ ମୁଁ ମୋର ଦୁର୍ଦ୍ଦଶାଗ୍ରସ୍ତ ଦେଶବାସୀଙ୍କର କଥିତ ପରିମାଣରେ ହେଲେ ଦୁଃଖ ଦୂର କରି ପାରିବି, ଏ ଆଶା ମୋର ମନରେ ରହୁଛି, ସେଥିପାଇଁ ମୁଁ ଆଜି ଜଗତର ବ୍ୟଙ୍ଗ ଇଙ୍ଗିତକୁ ଭ୍ରୂକ୍ଷେପ ନ କରି ବାହାରି ପଡ଼ୁଛି ପୁଞ୍ଜିବାଦୀ ହେବାକୁ । କିନ୍ତୁ ଆଜି ଏହି ଶୁଭ ମୁହୂର୍ତ୍ତରେ ମୋର ବନ୍ଧୁମାନଙ୍କୁ କହି ରଖୁଛି, ସେହିମାନେ ହିଁ ମୋତେ ସାହସ ଦିଅନ୍ତୁ, ଶକ୍ତି ଦିଅନ୍ତୁ, ଉତ୍ସାହ ଦିଅନ୍ତୁ, ଉତ୍ତେଜନା ଦିଅନ୍ତୁ । ମୁଁ ଯେପରି ଧନୀ ହୋଇ, କୋଟିପତି ହୋଇ, ଶୋଷକ ହୋଇ, ଜୀବନରେ ଜମିଦାର ହୋଇ ନ ବସେ । ଯେପରି ଦେଶର ସେବାକରି ଜୀବନ ଚରିତାର୍ଥ କରେ ।

ଆରତି ଓ ଧର୍ମ୍ମଦ—ଆମେ ସମସ୍ତେ ଆଶୀର୍ବାଦ କରୁଛୁ—ତୁମର ମନସ୍କାମନା ପୂର୍ଣ୍ଣ ହେଉ ।

ଚନ୍ଦ୍ର—ଅରେ ଏ ଗୁଡ଼ାକ କଣ ? ବୀର ମହାପାତ୍ର ଇଂରେଜୀ ବାଟରେ ବିବାହ କଲେ ନା କଣ ? ଚାଲ, ଚାଲ ଆମର ଏଠି ସ୍ଥାନ ନାହିଁ । (ପ୍ରସ୍ଥାନ ଉଦ୍ୟତ)

Digitized by srujan ka@gmail.com

ଇନ୍ଦ୍ର—ଆହା, ବୁଝିଲେ ନାହିଁ ଅଜ୍ଞ ! ଯୁଗ ପରିବର୍ତ୍ତିତ ହେଉଛି, ଏ ଯୁଗରେ ଇମିତ ବଦାହ୍ନ ଏଣିକି ଚଳିବ ।

ଚନ୍ଦ୍ର—ନା, ନା, କି ଗାନ୍ଧୀ ଯୁଗ ହେଲା । ଧର୍ମ କର୍ମ ସବୁ ଗଲା, ଆମର ଏଠି ସ୍ଥାନ ନାହିଁ । (ପ୍ରସ୍ଥାନ)

(ଶରଧା ଲଳିତାର ହାତ ଧରି ପ୍ରସ୍ଥାନ, ଅନ୍ୟମାନଙ୍କର ପ୍ରସ୍ଥାନ, ନେପଥ୍ୟେ ଶଙ୍ଖ, ହୁଳହୁଳି, ଗୀତ ନାଚ ଇତ୍ୟାଦି ।)

ଚତୁର୍ଥ ଦୃଶ୍ୟ

ସ୍ଥାନ—ମନ୍ଦିର, ଯୁଗଳ ମୂର୍ତ୍ତି ସମ୍ମୁଖରେ ସବୁ ପୂଜାରୀ ଗୀତ ଗୋବିନ୍ଦ ଗାଉଥିବା—ଶାସ୍ତ୍ରୀତ ଇନ୍ଦ୍ରନାଥ ।

(ହରିଜନ ଗଣ, କର୍ମୀଗଣ ପ୍ରବେଶ)

(ଗୀତ)

କ୍ଷମା କର ହରି ଅଧମ ଜନଙ୍କୁ
ପଦତଳେ ଦିଅ ସ୍ଥାନ
ଜାଗ ହେ ଜନତା ଜାଗ୍ରତ ଦେବତା
ତୁଟିଯାଉ ବ୍ୟବଧାନ
ଯୁଗେ ଯୁଗେ ପରି ଅବତରି ତୁମେ,
ଦୁଷ୍ଟ ନିବାରିଲ ନିଜ ପରାକ୍ରମେ
ତୁମେ କି ହେ ସେହି ଅନ୍ଧ ଅବତାର
ଭାରତରେ ଗାନ୍ଧୀ ନାମେ ?
ପତିତ ହୋଇଛୁ ନ କରିଣ ମାପ
ଏ କଳଙ୍କ ଶତ୍ରୁ ଚାଟେ ହୁଏ ତାପ ।

Digitized by srujan ka@gmail.com

କରିଅ ଘରଣ ତୁମର ସ୍ମରଣ
ତୁହି ଦାଅ ଥରେ ଏଣେ ।
ଜପ ତପ କରି ଲଭିଲ ସିଦ୍ଧି କି
ସେ ଧନ ଆମର ପ୍ରାପ୍ୟ ନ ହୋଇବ କି ।
ଦୟାବନ୍ତ ନାମ ବହିବ କାହିଁକି
ଦୟା ନ ଦେଖାଇ ଦୀନେ ।

ସମସ୍ତେ—ଭାଇମାନେ ! ଯାଅ, ଦେବତା ଦର୍ଶନ କରି ଆସ ।

ମୂକାସୁ—'ବୋଲ ହରି ବୋଲ, ବୋଲ ହରି ବୋଲ ।'

ଇନ୍ଦ୍ରନାଥ—[ଉଠି ବସି] ଜୟ ଭାରତ ଜୟ ।

[ଦର୍ଶକ ଗଣ ସାଷ୍ଟାଙ୍ଗ ହୋଇବା]

ମୂକାସୁ— (ଗୀତ)

ନିନ୍ଦସି ଯଜ୍ଞ ବିଧେ ରହହ ଶ୍ରୁତ ଜାତଂ
ସଦୟ ହୃଦୟ ଦର୍ଶିତ ପଶୁ ଘାତଂ
କେଶବ ଧୃତ ବୁଦ୍ଧ ଶରୀର ଜୟ ଜଗଦୀଶ ହରେ
ମ୍ଳେଚ୍ଛ ନିବହ ନିଧନେ କଳୟସୀ କରବାଳଂ
ଧୂମ କେତୁ ମିଜ କିମପ କରାଳଂ
କେଶବ ଧୃତ, କଳ୍କି ଶରୀର, ଜୟ ଜଗଦୀଶ ହରେ ।

ଇନ୍ଦ୍ରନାଥ—ଭାଇମାନେ, ଆଜ ମୋର ବିଶ୍ୱାସ ହେଉଛି ଏଇ ଧାତୁ ମୂର୍ତ୍ତି ଆଜ ରୋଗାଯାକ ବାଣୀରେ ସାକାର ହୋଇ ବିରାଜମାନ କରିଛନ୍ତି । ଆଜ ଅନେକ ଦିନ ପରେ ସେଇ ନିରାକାରଙ୍କର ଇଚ୍ଛା ପୂର୍ଣ୍ଣ ହୋଇଛି । ବୋଲ ସମସ୍ତେ ସମସ୍ୱରରେ—'ଜୟ ଭାରତର ଜୟ ।'

Digitized by srujan ka@gmail.com

ପଞ୍ଚମ ଦୃଶ୍ୟ

ସ୍ଥାନ—ମନ୍ଦିର ଦୁଆର

ଶରଧା— (ପ୍ରବେଶ) ବାର ଦାର କହିଲି, ଆଜେ ଯେ ହାଡଗୁଡ଼ାକୁ ଦେଉଳକୁ ଆଣ ନାହିଁ ବୋଲି ଯେ, ମୋ କଥା ରଖିଲେ ନାହିଁ ତ ?

ଗୁରୁ—[ପ୍ରବେଶ କରୁ କରୁ] ନୋକେଇ ବୋଉ, କେତେବେଳେ ଏ ଆଜ୍ଞେ ଆସିଲ୍ଲ ମାମୁଁ କହୁନାହିଁ, ଆମ ନୋକେଇ ବୋଉର ତୁଣ୍ଡଟା ଟିକଏ ଖର ସିନା, ହୃଦମୁଟା ଠିକ୍ ଶତଦଳ ପଦ୍ମପର ନିର୍ମଳ—ମୋ ଉପରେ ଏତେ ପ୍ରେମ ଯେ, ଦଣ୍ଡେ ନ ଦେଖିଲେ ବଣା ହୋଇ ଯାଉଛି ।

ଶରଧା—ହଁ ମ, ବୁଢାକୁ ହେଲଣି କେତେ ପ୍ରେମ ପ୍ରେମ ହେଉଛ । ଖାଲି ଏଇ କଥା କହିଲବେଳକୁ ନୋକେଇ ବୋଉ, ନୋକେଇ ବୋଉ ହେଉଥାଅ । କାଲି ସକାଳୁ ପିଲାଟା ପଇତା ଖିଏ ପକେଇବ । ତମେ ଯେ ହାଡ଼ ପାଣକୁ ଛୁଇଁଲ ବୋଲି ଚନ୍ଦ୍ର ପଣ୍ଡିତେ କର୍ମ କରିବେ ନାହିଁ, କହୁଛନ୍ତି ।

ଗୁରୁ—ଆରେଲ ନୋକେଇ ବୋଉ, ତୋ ପୁଅ ପାଠ ପଢ଼ି କର୍ମ କରିବା ଶିଖୁ, ଦ୍ରୁତ କର୍ମରୁ ତୋର କି ଲଭ ହେବ ?

ଶରଧା—ଗୁହଲି, ତାଙ୍କ ଗୋଡ ହାତ ଧରି ବୁଝେଇ କହି ଆସିବ ।

ଗୁରୁ—ଆଲେ, ଏ ନୋକେଇ ବୋଉ, ମୁଁ ଆଉ କାହାରି ଗୋଡ ହାତ ଧରି ପାରିବ ନାହିଁ, ବରଂ ତୁ ଗୋଟାଏ କାମ କର । ମୋ ଗୋଡ଼ ଦ'ଟା କାହିଁକି ବଡ଼ ଫୁଲା ବନ୍ଧ ହେଉଛି, ଗୁହଲି ଚିପି ଦେବୁ ।

ଶରଧା—ତମେ ଗାଧୋଇ ଆସିଲେ ଯାଇ ଛୁଇଁବ ।

Digitized by srujan ka@gmail.com

ବୃଦ୍ଧ—କଣି କହିଲୁ, ଅସମୟୃଷ୍ଣାରେ ମାଟୋଇବ ? ଗୋଡ଼ ଧୁଳି
ହୋଉଛି, ଜର ହେବ ଯେ, ହେଉ ତେବେ ଯାଉଛି ମାଟୋଇ ।
[ପ୍ରସ୍ଥାନ]

ଶରଧା—ଟମା ମାଲେ, ମୋର ତାଙ୍କୁ ସତେ ମଦ କର ହେବ, ମୁଁ
କଣ କରିବ । ନାହିଁ ହେ, ଅସ, ଅଧ, ଆଉ ମାଟୋଇବା
ଦରକାର ନାହିଁ [ଫେର] ବାଙ୍ଗା ଅମାନିଆ ମଣିଷ ତ, କମାରୁ
ଶୁଣିବେ ନାହିଁ । ହାଇ ହେ, ଅଧ ବୋଲି କହୁଚି ପରା !

ବୃଦ୍ଧ—[ହସି ହସି ପ୍ରବେଶ] ନୋକେଇ ବୋଉ, ମୁଁ କହୁ ନାହିଁ,
ମୁଁ ପରୀ ପରୀକ୍ଷା କରି ରଖିଛି । ମୋ ପ୍ରତି ତୋର କେତେ
ପ୍ରେମ ସବୁ ମୁଁ ଜାଣେ ।

ଶରଧା—ଚାଲ ଘରକୁ, ଗୋଡ କଣି ହୋଇଛି ପରା !
[ଉଭୟେ ପ୍ରସ୍ଥାନ]

ଅମିତା—[ପ୍ରବେଶ] [ଗୀତ]

ଏକା ପଥର ଯେ ଯାତ୍ରୀ ଆମେ ଦୁଇଜଣ
ଏକଇ ନାଦରେ ଏକଇ ସ୍ୱାଗରେ କରିବୁ ଆମ ପ୍ରୟାଣ ।
ବାରମାସ ତହିଁ ଯାଉଥିବ ବହି ସୁମଧୁର ସମୀରଣ,
ସଞ୍ଜ ସକାଳରେ ବନ୍ଦନାଛଳରେ ପକ୍ଷୀ ଗାଉଥିବେ ଗାନ।
ଗଗନରୁ ଶଶୀ ସୁଧାରାଶି ରାଶି କରୁଥିବେ ବରଷଣ,
ହୋଇଗଲେ ସ୍ପର୍ଶ ହୋଇବ ରୋମାଞ୍ଚ ହରଷି ଉଠିବ ପ୍ରାଣ।

ଚନ୍ଦ୍ର— (ପ୍ରବେଶ)

ଅମିତା—ନମସ୍କାର ! ଅଜ୍ଞା ।

ଚନ୍ଦ୍ର—ଆହା ହା, ଲଜ୍ଜା ଲଜ୍ଜାନାହିଁ ! ନମସ୍କାର ଆଜ୍ଞା ! ଭଲ ବୁଦ୍ଧି
କଲ ତ ? ଏଁ ଛି ଛି, ଆରେ ଏଇଥିପାଇଁ ମନୁଠାରୁ ମହାଭାରତ
ପର୍ଯ୍ୟନ୍ତ ସବୁ ଶାସ୍ତ୍ରରେ କହିଛି, "ସ୍ତ୍ରୀ ବୁଦ୍ଧି ପ୍ରଳୟଙ୍କରୀ" !

Digitized by srujan ka@gmail.com

ଅମିତା—ମୁଁ ତ କିଛି ଭୁଲ କରି ନାହିଁ ।

ଚନ୍ଦ୍ର—ଆହା ନା, ଭୁଲ କରି ନାହଁ । ଘର ଭଲ କରିଛୁ—ନୁହେଁ ଆଉ କଣ ? ଭାଇ ବଡ଼ବାଗରେ ପ୍ରଚାର କରୁ ହାଣ୍ଡି ଘାଣ—

ଅମିତା—ମୁଁ ତ କାହାର ବିପକ୍ଷରେ କୌଣସି କଥା କହି ନାହିଁ । ଅସ୍ପୃଶ୍ୟତା ହେଉଛି ହିନ୍ଦୁ ଧର୍ମର କଳଙ୍କ, ଏ କଥା ତ ମହାତ୍ମା ପ୍ରଚାର କରୁଛନ୍ତି । ମୁଁ ଦା କ ଭୁଲ କରିଛୁ !

ଚନ୍ଦ୍ର—ଆହା, କି କଥା କି ! ଆଗେ ଏଇ କାରଣରୁ ଋଷିମାନେ ସ୍ତ୍ରୀ, ଶୂଦ୍ରଙ୍କର ବିଦ୍ୟା ଅଧ୍ୟୟନ ନିଷେଧ କରିଥିଲେ । ସ୍ତ୍ରୀଙ୍କୁ ଶିକ୍ଷା ଦେବାକୁ ଯେଉଁମାନେ ଇସ୍କୁଲ ଘର କରୁଛନ୍ତି ତାଙ୍କ ମୁହଁରେ ଚୂନ କଳା ବୋଲି ନିଆଁ ପାଉଁଶ ଢାଳି ଦିଅ । ଆଉ ତୁମମାନଙ୍କ ପରି ଯଥେଚ୍ଛାଚାରିଣୀମାନଙ୍କୁ ଭଗବାନ ଶୀଘ୍ର ଶୀଘ୍ର ଶମନ ସଦନକୁ ପଠେଇ ଦିଅନ୍ତୁ । [ପ୍ରସ୍ଥାନ]

ଅମିତା—[ଚିନ୍ତିତ ଭାବରେ ପଦଚାରଣ କରି] ସତେ କଣ ମୁଁ ଭୁଲ କରିଛୁ ? କଣ ଭୁଲ କଲି ? କାହାକୁ ପଚାରିବି—କିଏ କହିବ ମୁଁ ଭୁଲ କରିଛୁ କି ନାହିଁ, [ପ୍ରସ୍ଥାନ]—[ଫେରି] କର୍ମୀମାନେ କହୁଥିଲେ, ସେ ଆଜି ଚାଲିପିବେ ବୋଲି, ସେଦିନ ଧୂର୍ଜଟୀଙ୍କ ସ୍ତ୍ରୀ କହୁଥିଲେ ସେ ନିତ. ଏତେବେଳେ ଏଠିକି ବୁଲି ଆସୁଛନ୍ତି ବୋଲି । କାହିଁ ଆଜି ତ ଆସିଲେ ନାହିଁ ।

ଇନ୍ଦ୍ରନାଥ—(ପ୍ରବେଶ) ଆପଣ ତାହାହେଲେ ଠିକ୍ ଆସି ଯାଇଛନ୍ତି । ଅଜି ମୁଁ ଚାଲି ଯାଉଛୁ, ସମୟେ ସମୟେ ଆପଣଙ୍କର କୁଶଳ ସମ୍ବାଦ ଜଣାଇବେ ।

ଅମିତା—ଉପବାସରେ ଦୁର୍ବଳ ହୋଇ ପଡ଼ିଛନ୍ତି । ଆଉ ଦୁଇ ଦିନ ଏଠି ରହୁନାହାନ୍ତି ? ଟିକିଏ ବିଶ୍ରାମ ନେଇଥିଲେ ଭଲ ହୋଇଥାନ୍ତା ।

Digitized by srujan ka@gmail.com

ଇନ୍ଦ୍ରନାଥ—ବିଶ୍ରାମ ନେବାର ତ ଉପାୟ ନାହିଁ ଅମିତା ଦେବୀ ! ଚାକିରି କରୁଥିଲେ ଅବା ଛୁଟି ମାଗିଥାନ୍ତି । ଏ ଯେ ବିନା ବେତନରେ ଚାକିରି । ଏଥିରେ ଛୁଟି, ବିଶ୍ରାମ କିଛି ନାହିଁ ।

ଅମିତା—ଏଇ ବିଶ୍ରାମ ବିହୀନ କର୍ମମୟ ରାଜ୍ୟରେ କ'ଣ ଆନନ୍ଦ ନାହିଁ ବୋଲି ଭାବୁଛନ୍ତି ? ମୁଁ ତ ଭାବେ ଗଭୀର ଦୁଃଖରୁ ଯେଉଁ ଅନୁଭୂତି ଜାଗେ ତାହା ହିଁ ଦିଏ ଆନନ୍ଦ ।

ଇନ୍ଦ୍ରନାଥ—ଆଜି ଏଇ ବିଦାୟ ନେବାକୁ ଭାବିଲା ବେଳେ ମୋର ମନେ ପଡୁଛି ଠିକ୍ ଏ ସ୍ଥାନରେ ପ୍ରଥମ ଆସିବା ଦିନ ଦେଖିଥିଲି ଗୋଟିଏ ମନୋହର ସ୍ୱପ୍ନ—।

ଅମିତା—ଆପଣ ଯଦି ମତେ ସହକର୍ମିଣୀ କରି ନିଅନ୍ତେ—।

ଇନ୍ଦ୍ରନାଥ—ତୁମକୁ ମୋର ସେ ବନ୍ଧୁର ପଥର ପଦଚାରିଣୀ କରିବାକୁ ଚାହେଁ ନାହିଁ ଅମିତା ଦେବୀ !

ଅମିତା—ଆପଣଙ୍କୁ ମୁଁ ଯେଉଁପରି ଅଲୌକିକ ଭାବରେ କଳ୍ପନା କରିଛି ମୁଁ ଦେଖିବାକୁ ଚାହେଁ ଜୀବନ ବ୍ୟାପୀ ସେଇପରି ଅଲୌକିକ ଭାବରେ । ସଂସାରଭିତରେ, ସହଜ ଭାବରେ ଆପଣଙ୍କୁ ପାଇବାକୁ କଳ୍ପନା କରେ ନାହିଁ । ମୁଁ ଚାହେଁ ଆପଣଙ୍କୁ ଦୂରରୁ । ଆପଣଙ୍କ ପଦାଙ୍କ ଅନୁସରଣ କରି ହୁଏ ତ ଶେଷ ଜୀବନରେ ଦିନେ କେବେ ଆପଣଙ୍କର ଯୋଗ୍ୟ ସହକର୍ମିଣୀ ହୋଇ ପାରିବି, ଏ ଆଶା ଅଛି, ଆପଣ ଭୟ କରିବେ ନାହିଁ । ଆପଣଙ୍କୁ ମୁଁ ସଂସାରର କ୍ଷୁଦ୍ର କକ୍ଷ ଭିତରେ ଦେଖିବାକୁ ଚାହେଁ ନାହିଁ ।

ଇନ୍ଦ୍ରନାଥ—[ହସି] ଓହୋ ! ଆପଣ ମତେ ଏକବାରେ ମହାପୁରୁଷ କରି କଳ୍ପନା କରି ସାରିଲେଣି । କିନ୍ତୁ ଆପଣ ଭାବିବା ଉଚିତ ଯାହାକୁ ନର ଦେହ ଧାରୀ ଦେବତା ବୋଲି ଭାବିଛନ୍ତି ହୁଏ ତ·

Digitized by srujan ka@gmail.com

ତା'ଠି କଛୁ ନାହିଁ । ଯେ ଭଲ ମନ୍ଦ, ଆଲୋକ ଅନ୍ଧାର; ସବଳତା ଓ ଦୁର୍ବଳତା ପଥ ଦେଇ ଗତି ହୋଇ ଆସିଛି । ଆପଣଙ୍କୁ ଅତି ପାଖରେ ପାଇ ପରେ ଯଦି କର୍ତ୍ତବ୍ୟରେ ତ୍ରୁଟି କରେ ?

ଅମିତା—ମୁଁ ସେ ସବୁ ଶୁଣିବାକୁ ଚାହେଁ ନାହିଁ ? ଆପଣଙ୍କୁ ଯେଉଁ ଭାବରେ କଳ୍ପନା କରିଛି ସେଇ ଭାବରେ ହିଁ ଚାହିଁ ପ୍ରତି କ୍ଷଣରେ । ମୁଁ ଚାହେଁ ଦୂରରୁ—।

ଇନ୍ଦ୍ରନାଥ—(ହସି ପରିହାସ ଛଳନାରେ) ନିକଟରେ ଯାଇ ଅନ୍ୟ କେହି ଯଦି ମତେ ଆୟତ୍ତ କରି ନିଏ ?

ଅମିତା—ସେ ଭୟ ମୋର ନାହିଁ, ମୁଁ ଜାଣେ ଆପଣ କାହାର ଆୟତ୍ତାଧୀନ ନୁହନ୍ତି ।

ଇନ୍ଦ୍ରନାଥ—[ହସି] ତୁମେ ତ ମତେ ଏକାନ୍ତ ନିର୍ଲିପ୍ତ କରି ଥୋଇ ଦେଲ । କିନ୍ତୁ ଏଇ ପ୍ରଶଂସାର୍ହ ମତେ ଲିପ୍ତ କରି ଥୋଇ ଦେବାକୁ ଆରମ୍ଭ କଲାଣି । ବର୍ତ୍ତମାନ କରେ କଣ ?

ଅମିତା—(ପାଶ୍ଵ'କୁ ବୁଲି ଆସି) ଆପଣଙ୍କୁ କି ଏକ ପୁଣ୍ୟମୁହୂର୍ତ୍ତ ସନ୍ଧ୍ୟାରେ ଦେଖି ପୂଜା ଦେଇଥିଲି ମନେ ମନେ । ଆଜି ଆପଣଙ୍କୁ ମୁଁ ମାଗୁଛି ଆଶୀର୍ବାଦ । ଆପଣଙ୍କ କର୍ମମୟ ରାଜ୍ୟର ଦ୍ଵାର ଦେଶରେ ପ୍ରତିବନ୍ଧକ ହୋଇ ଯେପରି କୌଣସି ସମୟରେ ଠିଆ ନ ହୁଏ, ସେଇ ଶକ୍ତି ଆପଣ ହିଁ ମତେ ଦିଅନ୍ତୁ ।

ଇନ୍ଦ୍ରନାଥ—[ହସି] ଆଚ୍ଛା, ତାହା ହିଁ ହେଉ –
'ଜୟ ଭାରତ ଜୟ' ଇତ୍ୟାଦି ।

[ନେପଥ୍ୟ ଗୀତ] (ଇନ୍ଦ୍ରନାଥ, ଅମିତା କଲ୍ୟାଣ ଓ ଅନ୍ୟାନ୍ୟ କର୍ମୀଗଣ ସ୍ଲୋଗାନ ଓ ଗୀତ ଗାଇ ଗାଇ ପ୍ରସ୍ଥାନ)

—ପରଦା—

—ଶେଷ—

ମୁଦ୍ରାକର—ବନମାଳୀ ମିଶ୍ର, ନବଭାରତ ପ୍ରେସ, କଟକ ୧୯୪୭ ।

Digitized by srujan ka@gmail.com

Printer
Banamali Misra
NABA BHARAT PRESS
CUTTACK.
1947

Digitized by srujan ka@gmail.com